## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

ବିଞ୍ଝାରପୁର,(ରାମକୃଷ୍ଣ ଦାସ ): ବିଞ୍ଝାରପୁର ଥାନା ଅନ୍ତର୍ଗତ ଯାଜପୁର-ସିଂହପୁର ମୁଖ୍ୟ ରାସ୍ତାର ଉପଖଣ୍ଡ ବିଦ୍ୟୁତ୍ ବିତରଣ କେନ୍ଦ୍ର ନିକଟରେ ସୋମବାର ରାସ୍ତା ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବୈଗୋବାଗ ଗ୍ରାମର ମିହିର ଦାଶ (୨୫)। ମିହିର ବାଲମୁକୁଳି ବଜାରରେ ନିଜ ଦୋକାନରୁ ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ସେ ସଂଜ୍ଞାହୀନ ହୋଇ ରାସ୍ତାରେ ପଡିଥିବା ବେଳେ ପୋଲିସ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିବା କୁହାଯାଉଛି।

**ସଂକ୍ଷେପରେ**

## ଖବରକାଗଜ ବିତରକଙ୍କ ପରଲୋକ



ଦଶରଥପୁର, ୫ା୧ (ସୁଶାନ୍ତ କୁମାର ବେଉରା) : ଦଶରଥପୁର ବ୍ଲକ ଅଧୀନ ଝୁମୁରୀ, କାଟିଆ, ବୌଲାଙ୍ଗ, ମଙ୍ଗଳପୁର ବଜାର ସମେତ ଆଖପାଖ ଅଞ୍ଚଳରେ ୨୦ବର୍ଷରୁ ଊର୍ଦ୍ଧ୍ୱ ଖବରକାଗଜ ବିତରଣ କରୁଥିବା ବାବନ ଜେନାଙ୍କ ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ଡାହାଣହତା ପଞ୍ଚାୟତ ବୌଲାଙ୍ଗ ଗ୍ରାମର ଜନ୍ମିତ ବାବନ ରାତି ପାହିଲେ ଜନସାଧାରଣଙ୍କୁ ଖବର କାଗଜ ପହଞ୍ଚାଇବା କାର୍ଯ୍ୟ କରି ସମସ୍ତଙ୍କ ପ୍ରଶଂସା ଭାଜନ ହୋଇପାରିଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଦଶରଥପୁର ଓ ମଙ୍ଗଳପୁର ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ମୃତଦେହ ବାସଗୃହ ନିକଟରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ବୌଲାଙ୍ଗ ବଜାର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ସିପିଆଇ ପକ୍ଷରୁ ଅଭୟ କୁମାର ପଣ୍ଡା, ଶିଶିର କୁମାର ଶତପଥୀ, ପୂର୍ଣ୍ଣ ଜେନା, ସ୍ୟାମାନନ୍ଦ ଦଳାଇ, ପୂର୍ଣ୍ଣ ଦେହେରା, ନିରଞ୍ଜନ ଜେନା, ନିର୍ମଳ ଜେନା ପ୍ରମୁଖ ସାମିଲ ହୋଇଥିଲେ। ପରେ ଯାଜପୁର ସହରର ବାରେଣୀ ପଠିଆସ୍ଥିତ ଶ୍ମଶାନରେ ତାଙ୍କର ସଂସ୍କାର କରାଯାଇଥିଲା। ଭଣଜା ମାନସ ରଞ୍ଜନ ଦାସ ଓ ପୁତ୍ର ସୌମ୍ୟରଞ୍ଜନ ଜେନା ମୁଖାଗ୍ନି ଦେଇଥିବା ବେଳେ ଝିଅ, ଜ୍ୱାଇଁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ।

## ୭ମାସର ବେତନ ଦାବିରେ ଠିକା କର୍ମଚାରୀଙ୍କ ଧାରଣା

ବରୀ, ୫ା୧ (ମହେନ୍ଦ୍ର ସ୍ୱାଇଁ)




ରତ୍ନଗିରି ମୁଖ୍ୟ ଫାଟକ ନିକଟରେ ଠିକା କର୍ମଚାରୀମାନେ ଧାରଣା ଦେଇଛନ୍ତି।

ବୌଦ୍ଧପୀଠ ରତ୍ନଗିରିର ରକ୍ଷଣାବେକ୍ଷଣ, ଉନ୍ନତୀକରଣ କାର୍ଯ୍ୟ ଓ ନିରାପତ୍ତା ଦୃଷ୍ଟିରୁ ସିଲିକନ ନାମକ ଏକ ବେସରକାରୀ ସଂସ୍ଥା ବ୍ଲକ୍ ପ୍ରଶାସନ ମାଧ୍ୟମରେ ୨୨।୧୧।୨୦୨୪ରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକଙ୍କୁ ସଫେଇ କର୍ମଚାରୀ, ମାଳୀ ଏବଂ ସିକ୍ୟୁରିଟି ଭାବେ ନିଯୁକ୍ତି ଦେଇଥିଲା। ନିଯୁକ୍ତି ପାଇବା ପରେ ସେମାନେ ନିୟମିତ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ଦୀର୍ଘ ୭ ମାସ ହେବ ସେମାନଙ୍କ ନିର୍ଦ୍ଧାରିତ ବେତନ ପାଇନାହାନ୍ତି। ମାତ୍ର ଅନ୍ୟ ଏକ ଠିକା ସଂସ୍ଥା ସେମାନଙ୍କ ସ୍ଥାନରେ ଅନ୍ୟମାନଙ୍କୁ ନିଯୁକ୍ତି ଦେଇଥିବା ଖବରପାଇ ପୂର୍ବରୁ କାର୍ଯ୍ୟରତ ଥିବା ଠିକା କର୍ମଚାରୀମାନେ ରତ୍ନଗିରିର ମୁଖ୍ୟ ଫାଟକ ନିକଟରେ ଧାରଣାରେ ବସିଛନ୍ତି। ବିଶେଷକରି କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ବହିଷ୍କାରରେ କୌଣସି ସୂଚନା ନ ଦେଇ କିମ୍ବା ସେମାନଙ୍କ କୌଣସି ପ୍ରାପ୍ୟ ବେତନ ପ୍ରଦାନ ନ କରି ତାଙ୍କ ସ୍ଥାନରେ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବା ସମ୍ପୂର୍ଣ୍ଣ ବେଆଇନ ବୋଲି ସେମାନେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ଯଦି ସେମାନଙ୍କୁ ବକେୟା ବେତନ ସହ ପୂର୍ଣ୍ଣ ନିଯୁକ୍ତି ଦିଆ ନ ଯାଏ ତେବେ ସେମାନେ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ବିଶେଷକରି ପ୍ରତିବର୍ଷ ଭଳି ଚଳିତବର୍ଷ ୧୧ ତାରିଖଠାରୁ ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ମହାପ୍ରୟାଣ ତିଥିରେ ବୌଦ୍ଧଧର୍ମୀମାନେ ରତ୍ନଗିରିକୁ ଆସିବାର କାର୍ଯ୍ୟସୂଚୀ ରହିଛି। ଠିକା କର୍ମଚାରୀମାନେ ବକେୟା ଦରମା ସହ ପୂର୍ଣ୍ଣ ନିଯୁକ୍ତି ଦାବିକରି ଧାରଣା ଦେବା ଘଟଣା ପ୍ରଶାସନକୁ ଅଡୁଆରେ ପକାଇଛି। ଏତଦ୍‌ବ୍ୟତୀତ ସେମାନଙ୍କ ନ୍ୟାଯ୍ୟ ଦାବି ପୂରଣ ପାଇଁ ଠିକା କର୍ମଚାରୀମାନେ ବରୀ ବିଡିଓଙ୍କୁ ଲିଖିତ ଭାବେ ଅବଗତ କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବରୀ ବିଡିଓ ଅସିତ କୁମାର ମହାନ୍ତିଙ୍କୁ ପଚାରିବାରେ ଦାୟିତ୍ୱରେ ଥିବା ଜିଲାସ୍ତରୀୟ ବରିଷ୍ଠ ଅଧିକାରୀମାନଙ୍କ ସହ ଏନେଇ ଆଲୋଚନାକରି ଘଟଣାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ପୁନର୍ଗଠନ ଅପେକ୍ଷାରେ ଜିଲା ସଂସ୍କୃତି ପରିଷଦ

ଯାଜପୁର,୫ା୧(ହର୍ଷବର୍ଦ୍ଧନ ବେହେରା)

ସମଗ୍ର ଓଡ଼ିଶାରେ ଯାଜପୁର ଏକ ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ଜିଲା ଭାବେ ଖ୍ୟାତ ଲାଭ କରିଛି। ଜିଲା ତଥା ସଂସ୍କୃତିର ବିକାଶ ପାଇଁ ରାଜ୍ୟ ସରକାର ଅକୁଣ୍ଠିତ ଭାବେ ଅନୁଦାନ ଦେଇ ଚାଲିଛନ୍ତି। କିନ୍ତୁ ପ୍ରଶାସନର ଆନ୍ତରିକତା ଅଭାବରୁ ଏହି ଅନୁଦାନ ଖର୍ଚ୍ଚରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଅଭିଯୋଗ ଅନୁସାରେ ୨୦୨୨ରୁ ସଂସ୍କୃତି ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିଲେ ହେଁ ଏହାର ପୁନର୍ଗଠନ ଏଯାଏ କରାଯାଇନାହିଁ। ଜିଲା ସଂସ୍କୃତି ପରିଷଦ ପକ୍ଷରୁ ନିଜ ଇଚ୍ଛା ଅନୁସାରେ ଅନୁଦାନକୁ ବ୍ୟୟ କରାଯାଉଛି। ଯଯାତି ସ୍ମରଣିକା ପ୍ରକାଶନରେ ଅନିୟମିତତା ଦର୍ଶାଯାଇ ତାହା ଏକଚାଟିଆ ଭାବେ ପ୍ରକାଶ କରାଯାଇଥିବା ବିଷୟରେ ଜିଲାପାଳଙ୍କୁ ପୂର୍ବତନ ସଦସ୍ୟମାନେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଜିଲାପାଳ ଚଳିତବର୍ଷ ଯଯାତି ମହୋତ୍ସବ ଓ ସ୍ମରଣିକା ପ୍ରକାଶନ ପାଇଁ ତତ୍ପର ହୋଇଉଠିଛନ୍ତି। ଏହାବାଦ ପରିଷଦକୁ ବାଦ୍ ଦେଇ ଜିଲା ମହୋତ୍ସବ ପାଇଁ ପ୍ରଥମ ବୈଠକ ଡକାଇ କେତେଗୁଡ଼ିଏ ନିଷ୍ପତ୍ତି ଗ୍ରହଣ କରିବା ଯୋଗୁ ବହୁ ଅସନ୍ତୋଷ ସୃଷ୍ଟି ହୋଇଛି। ଗତ ୨ ବର୍ଷ ହେଲା ପରିଷଦର ଆୟବ୍ୟୟ ହିସାବ ପରିଷଦକୁ ଦିଆଯାଇନାହିଁ। ସ୍ମରଣିକା ପ୍ରକାଶନ ବ୍ୟୟ ସମୀକ୍ଷା ହୋଇ ନ ଥିବାବେଳେ ଚଳିତବର୍ଷ ମହୋତ୍ସବ ପାଇଁ ପଦକ୍ଷେପ ନେବା କେତେଦୂର ଗ୍ରହଣୀୟ ସେ ସମ୍ପର୍କରେ ପରିଷଦ ସଦସ୍ୟ ଓ ପ୍ରଶାସନ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଛି। ଗତବର୍ଷ ଜିଲାର ବରିଷ୍ଠ ଲେଖକ, ସଂସ୍କୃତିସମ୍ପନ୍ନ ବ୍ୟକ୍ତିଙ୍କୁ ବାଦ୍ ଦେଇ ସ୍ମରଣିକା ପ୍ରକାଶନ ଯୋଗୁ ବହୁ ଅସନ୍ତୋଷ ଦେଖା ଯାଇଥିଲା। ଜିଲାରେ ଥିବା କେତୋଟି ସାଂସ୍କୃତିକ ଅନୁଷ୍ଠାନକୁ ସେମାନଙ୍କ କାର୍ଯ୍ୟକ୍ରମ ପାଇଁ ବାର୍ଷିକ ୧୦ ହଜାର ଟଙ୍କା ଅନୁଦାନ ଦିଆଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲେ ହେଁ ୨୦୨୨ରୁ ଏଯାବତ୍ ଏହି ଅନୁଦାନକୁ ବନ୍ଦ କରି ଦିଆଯାଇଛି। ଫଳରେ ପ୍ରତ୍ୟକ୍ଷ ଭାବେ ଜିଲାସ୍ତରରେ ସାଂସ୍କୃତିକ ଅବକ୍ଷୟ ଦେଖାଦେଇଛି। ଜିଲାରେ ପର୍ଯ୍ୟଟନସ୍ଥଳୀର ବିକାଶ, ଐତିହ୍ୟ ଗ୍ରାମ ଘୋଷଣା, ବରପୁତ୍ରମାନଙ୍କ ସ୍ମୃତିର ସୁରକ୍ଷା, ସଂଗ୍ରାମୀମାନଙ୍କ ଜନ୍ମଭୂମିର ବିକାଶ ଭଳି ଯୋଜନା ସରକାର ପ୍ରବର୍ତ୍ତନ କରିଥିବାବେଳେ ଏସବୁ କାର୍ଯ୍ୟକ୍ରମ ଜିଲାରେ ଅବହେଳିତ ଅବସ୍ଥାରେ ରହିଛି। ତେବେ ପୂର୍ବତନ ସଦସ୍ୟ ହରେକୃଷ୍ଣ ପଣ୍ଡା ଏବର୍ଷ ମହୋତ୍ସବ ପୂର୍ବରୁ ନୂତନ ପରିଷଦ ଗଠନ, ଆୟବ୍ୟୟ ସମୀକ୍ଷା ରିପୋର୍ଟ ପ୍ରଦାନ, ସ୍ମରଣିକା ପ୍ରକାଶନ କ୍ଷେତ୍ରରେ ଘଟିଥିବା ଅନିୟମିତତାର ଅନୁସନ୍ଧାନ କରି ସ୍ୱଚ୍ଛତା ପ୍ରତିପାଦନ ପାଇଁ ଜିଲାପାଳ ଓ ରାଜ୍ୟ ସଂସ୍କୃତି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଜିଲାର ୧୦ ବଣଭୋଜିସ୍ଥଳ ପ୍ଲାଷ୍ଟିକ ମୁକ୍ତ ରଖିବାକୁ ଜିଲାପାଳଙ୍କ ବୈଠକ

ଯାଜପୁର ଟାଉନ/ ଯାଜପୁର ସଦର, ୫ା୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି/ ସମର ବିଜୟ ଶରଣ)

ଯାଜପୁର ଜିଲାରେ ଥିବା ୧୦ଟି ବଣଭୋଜିସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ ରଖିବାକୁ ଜିଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ଆଭାସୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ମଦନ ମୋହନ ସାହୁ, ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପରିବେଶ ସମିତି ସମ୍ପାଦକ, ଯାଜପୁର ଜିଲାର ୨ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାପାଳ କର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ, ଜିଲାରେ ଥିବା ପ୍ରମୁଖ ବଣଭୋଜିସ୍ଥଳଗୁଡ଼ିକରେ ସଚେତନତା ବାର୍ତ୍ତା ସହ ପ୍ଲାଷ୍ଟିକ ବସ୍ତୁ ବ୍ୟବହାର ନ କରିବାକୁ ଶପଥ ପାଠ କରିବା, ପ୍ଲାଷ୍ଟିକ ମୁକ୍ତ କରିବା ଓ ପ୍ଲାଷ୍ଟିକ ନିୟମ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରି ଆଇନ ଅମାନ୍ୟକାରୀଙ୍କ ବିରୋଧରେ ଜରିମାନା ଲାଗୁ କରିବାକୁ ପରାମର୍ଶ ଦେଇଥିଲେ। ଦଶରଥପୁର ନଦୀ କୂଳ, ସୁକିନ୍ଦା ଉପତ୍ୟକା, ଗୋକର୍ଣ୍ଣେଶ୍ୱର ପର୍ବତ, ବ୍ୟାସନଗର ପାର୍କ, ବିରଜା ନଦୀ ପାର୍ଶ୍ୱ, ଓଳାଶୁଣୀ ପର୍ବତ ଓ ଗୁମ୍ଫା, ପାଣିକୋଇଲି କେନାଲ ପାର୍ଶ୍ୱ, କୁଆଖିଆ ନଦୀ ପାର୍ଶ୍ୱ, ସିଙ୍ଗଡା ପର୍ବତ, ବୈତରଣୀ ଘାଟ, ଚଣ୍ଡିଖୋଲ ଇତ୍ୟାଦି ଅନ୍ତର୍ଭୁକ୍ତ ସ୍ଥାନରେ ବଣଭୋଜି ବେଳେ ପ୍ଲାଷ୍ଟିକ ଉପରେ କଟକଣା ଲଗାଇବା ପାଇଁ ଆଲୋଚନା ହୋଇଥିଲା। ଏହାଦ୍ୱାରା ଜିଲାର ପର୍ଯ୍ୟଟନସ୍ଥଳ ତଥା ପରିବେଶ ସ୍ୱଚ୍ଛ ସୁନ୍ଦର ରହିବା ସହ ସ୍ୱଚ୍ଛତା କ୍ଷେତ୍ରରେ ଜିଲାର ମାନ୍ୟତା ବୃଦ୍ଧି ପାଇବ। ଏହାସହ ପର୍ଯ୍ୟଟକ, ବଣଭୋଜି କରୁଥିବା ଲୋକଙ୍କୁ ଏକ ସୁସ୍ଥ ପରିବେଶ ମିଳିପାରିବ।

## ଧାନମଣ୍ଡଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ବଡ଼ଚଣା, ୫ା୧ (ଦିଲୀପ କୁମାର ମହାନ୍ତି)

ଯାଜପୁର ଜିଲା ବଡ଼ଚଣା ଶିକ୍ଷା ମଣ୍ଡଳ ଧାନମଣ୍ଡଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ହେମନ୍ତ ଜେନା ସଞ୍ଚାଳନା ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲା ଭାଜପା ସଭାପତି ଦେବଯାନୀ ପ୍ରଧାନ ଯୋଗଦେଇ ଶିଶୁ ବିଦ୍ୟାମନ୍ଦିରରେ କେବଳ ଶିଶୁର ବିକାଶ ହୁଏ ନାହିଁ, ଏଠାରେ ଭଲ ମଣିଷ ତିଆରି କରାଯାଉଥିବା କାରଖାନା। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସଦସ୍ୟ ଲଳିତେନ୍ଦୁ କାନୁନ୍‌ଗୋ, ସମ୍ମାନିତ ଅତିଥି ଭାବେ ସଂଘ ସାହିତ୍ୟ ପତ୍ରିକା ସମ୍ପାଦକ, ତଥା ପାଲା ସଂସ୍କୃତିର ବିଶାରଦ ସନ୍ତୋଷ ମହାପାତ୍ର, ବିଦ୍ୟାମନ୍ଦିର ସଭାପତି ରବୀନ୍ଦ୍ର ମହାନ୍ତି, ସମ୍ପାଦକ ସୌମ୍ୟ ପ୍ରକାଶ ଦାସ ମଞ୍ଚାସୀନ ଥିଲେ। ଶିଶୁମାନେ ନବୋଦୟ ପରୀକ୍ଷାରେ କୃତିତ୍ୱ ହାସଲକରି ସରକାରୀ ବୃତ୍ତି ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ପୂଜ୍ୟପୂଜାରେ ସମ୍ମାନିତ ପ୍ରତିଭାମାନେ ଡ. ଅଜିତ ପ୍ରସାଦ ଜେନା, ବ୍ରହ୍ମନାଦ ମହାରଣା, ବିଭୁଦତ୍ତ ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ଦାସଙ୍କୁ ସମ୍ମାନିତ କରାଯାଇଥିଲା।

## ସିଂହପୁରରେ ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ସିଂହପୁର ୫ା୧ (ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର କାକୁଡି ପଡ଼ିଆଠାରେ ଆସନ୍ତା ୨୫ ତାରିଖରେ ହିନ୍ଦୁ ସମାଜ ପକ୍ଷରୁ ହିନ୍ଦୁ ସମ୍ମିଳନୀ ସମାରୋହରେ ପାଳନ କରାଯିବ। ଏହି ସମ୍ମିଳନୀକୁ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ କରାଯିବାକୁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ କଳସ ଯାତ୍ରା, ଯଜ୍ଞ, ସାଧୁ ସନ୍ଥ ସମ୍ମିଳନୀ ହେବ। ପ୍ରସ୍ତୁତି ବୈଠକରେ ଆଖପାଖ ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଯୁବକମାନେ ଯୋଗଦେଇଥିଲେ।

## ଗଛରୁ ଡାଳ ହାଣୁଥିବା ବେଳେ ତଳେ ପଡ଼ି ଯୁବକ ମୃତ

ବାଲିଚନ୍ଦ୍ରପୁର/ଚଣ୍ଡିଖୋଲ, ୫ା୧ (ଗିରିଜା ପ୍ରସାଦ ସାହୁ/ପ୍ରଦୀପ୍ତ କୁମାର ପୃଷ୍ଟି)

ବାଲିଚନ୍ଦ୍ରପୁର ଥାନା ବାହାଦୁରନଗର ଗ୍ରାମରେ ସୋମବାର ଜଣେ ବ୍ୟକ୍ତି ଚାକୁଣ୍ଡା ଗଛରେ ଚଢ଼ି ଡାଳ ହାଣୁଥିବା ବେଳେ ତଳେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ହେଲେ ମାଟିପାରିଲୋ ଗ୍ରାମର ପ୍ରଦୀପ୍ତ ମଲ୍ଲିକ (୪୫) ଓରଫ ପଦିଆ। ବାହାଦୁରନଗର ଗ୍ରାମର ପ୍ରବେଶ ଦ୍ୱାରରେ ୩ ପରିବାର ରୁହନ୍ତି। ଗୋଟିଏ ପରିବାରର ଲୋକେ ଦୀର୍ଘଦିନ ହେବ ଘରେ ରହୁ ନ ଥିବା ବେଳେ ତାଙ୍କ ଚାକୁଣ୍ଡା ଗଛଟି ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ମୋଗଲପାଟଣା ଗ୍ରାମର ଛକଡ଼ି ସେଠୀ ନାମକ ବ୍ୟବସାୟୀ ନେଇଥିଲେ। ସେ ୨ ଦିନ ହେବ ତାଙ୍କ ଗ୍ରାମ ନିକଟ ମାଟିପାରିଲୋ ଗ୍ରାମର ପଦିଆଙ୍କୁ ପଠାଇ ଗଛ ହାଣୁଥିଲେ। ସୋମବାର ମଧ୍ୟାହ୍ନରେ ଗଛର ଡାଳ ହାଣୁଥିବା ବେଳେ ପଦିଆ ତଳେ ପଡିଯିବରାରୁ ମୃତ୍ୟୁ ଘଟିଛି। ପରିବାର ଲୋକେ ପହଞ୍ଚିଲା ବେଳକୁ ଗଛକଟା ପାଖରେ ବ୍ୟବସାୟୀ ସେଠୀ ନ ଥିଲେ। ଭଦ୍ରେଶ୍ୱର ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂହ ଏବଂ ତଦନ୍ତ ଅଧିକାରୀ ଦୁଃଖୀଶ୍ୟାମ ସାହୁଙ୍କୁ ପଚାରିବାରେ ପଦିଆଙ୍କ ପୁଅ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ନଂ. ୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଯେହେତୁ ଘଟଣାଟି ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଘଟିଛି ଆମେ ଲୋକାଲ ଇନ୍‌କ୍ୱାରି ମାଗିବୁ ବୋଲି ସୂଚନା ଦେଇଛନ୍ତି।

## ଉଡ୍ର ଦେଶ ଟ୍ରଷ୍ଟ, ହିନ୍ଦୁ ଏକତା ମଞ୍ଚର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବଡ଼ଚଣା,୫ା୧ (ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ସଭାଗୃହରେ ହିନ୍ଦୁ ଏକତା ମଞ୍ଚ ଭାରତ ଓ ଦେବାଳୟ ବିମୋଚାନାମ ଉଡ୍ର ଦେଶ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏକ ପୁରସ୍କାର ବିତରଣ ସଭା ସଂଗଠନର ସଭାପତି ପ୍ରଦୀପ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପରମହଂସ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟ ଅତିଥି, ଡ. ହରିହର କାନୁନ୍‌ଗୋ, ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ, ପୂର୍ବତନ ନିର୍ଦ୍ଦେଶକ ଓଡ଼ିଆ ଭାଷା ପ୍ରତିଷ୍ଠାନର ମୁଖ୍ୟବକ୍ତା ଡ. ପବିତ୍ର ସାମନ୍ତରାୟ, ମୁଖ୍ୟ ସମ୍ପାଦକ ପର୍ଯ୍ୟବେକ୍ଷକ ଓ ଦି କଳିଙ୍ଗ କ୍ରୋନିକେଲ ସମ୍ମାନନୀୟ ଅତିଥି ଡ. ନିରଞ୍ଜନ ସାହୁ, ସିଦ୍ଧି ଗିରି ଆଶ୍ରମର ମହନ୍ତ, ସମ୍ମାନନୀୟ ଅତିଥି ବାବା ବିଶ୍ୱନାଥ ଦାସ ଏବଂ ଯାଜପୁର ଜିଲା ହିନ୍ଦୁ ଏକତା ମଞ୍ଚର ସଭାପତି ନରେନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଭଗବଦ୍ ଗୀତାର ଉପଯୋଗିତା ଓ ଏହା କିପରି ପ୍ରତ୍ୟେକ ବ୍ୟକ୍ତିର ଜୀବନକୁ ଶୃଙ୍ଖଳିତ କରିଥାଏ ସେ ସମ୍ପର୍କରେ କହିଥିଲେ। ଛାତ୍ରୀଛାତ୍ରମାନେ ପ୍ରତ୍ୟେକ ଦିନ ଗୀତା ପଢ଼ିବାକୁ ପ୍ରେରଣା ଦେଇଥିଲେ। ମଞ୍ଚ ପକ୍ଷରୁ ଜିଲାରେ ଅନୁଷ୍ଠିତ ପ୍ରତିଯୋଗିତାର ସାମିଲ ହୋଇଥିବା ୪୪ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ଗୀତା ବହି, ଟ୍ରଫି, ସାର୍ଟିଫିକେଟ ଆଦି ପ୍ରଦାନ କରିଥିଲେ। ଏଥିରେ ସହଯୋଗ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶୀଲ ପାଲ, ତେଜପାଲ ଧେନୁକା, ରାଜ କୁମାର ଖେମେକା, ଡ. ପଦ୍ମଲୋଚନ ନାୟକ ଉପସ୍ଥିତ ରହି ପୁରସ୍କାର ବିତରଣ କାର୍ଯ୍ୟରେ ସହଯୋଗ କରିଥିଲେ। ଅଧ୍ୟାପକ ନିରଞ୍ଜନ ସାମଲ ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## କୁଡୁମାଲି ଭାଷା, ଲିପି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ




ବନ୍ଧୁ ମିଳନରେ କଳାକାରଙ୍କ ଗହଣରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ଅନ୍ୟ ଅତିଥି।

କାଳିଆପାଣି, ୫ା୧ (ଅସିତ ମହାନ୍ତ)

**ଆଦିବାସୀ କୁଡୁମି ସମାଜର ବନ୍ଧୁମିଳନ**

ଯାଜପୁର ଜିଲାର ପିମ୍ପୁଡିଆଠାରେ ନିର୍ଭୟାନନ୍ଦ ସାଂସ୍କୃତିକ ସଂଘ ଅନୁବନ୍ଧିତ ଆଦିବାସୀ କୁଡୁମୀ ସମାଜ ପକ୍ଷରୁ ଏକ ବନ୍ଧୁମିଳନ ଓ ସାଂସ୍କୃତିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିସହ କୁଡୁମାଲି ଭାଷା ଓ ଲିପି ପାଇଁ ଏକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରବିବାର ପିମ୍ପୁଡ଼ିଆ ଗାଁରେ ଆଦିବାସୀ କୁଡୁମୀ ସମାଜର ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସରକାରୀ ଓକିଲ ନରେନ୍ଦ୍ର ମହାନ୍ତ ସଭାପତିତ୍ୱ କରିଥିବା ବେଳେ ଯାଜପୁର ଜିଲା ସଭାପତି ଦୋଳ ଗୋବିନ୍ଦ ମହାନ୍ତ ପରିଚାଳନା କରିଥିଲେ। ରାଜ୍ୟ ସରକାରଙ୍କ ସମବାୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁଡୁମାଲି ଭାଷା ଓ ଲିପିର ବିଦ୍ୟାଳୟ ସ୍ଥାପନ ଏବଂ ଏକ ଭବନ ପାଇଁ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେପରି ଶହୀଦ ବୀର ରଘୁନାଥ ମହନ୍ତଙ୍କ ମୂର୍ତ୍ତି ନିର୍ମାଣ ପାଇଁ ଶୁଭ ପକାଇଥିଲେ। ମୁଖ୍ୟ ଅତିଥି କାର୍ଯ୍ୟକ୍ରମରେ ଉପସ୍ଥିତ ବହୁ କୁଡୁମି ସମାଜ ଭଉଣୀଭାଇଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, କୁଡୁମୀ ସମାଜର ଭାଷା ଓ ସଂସ୍କୃତି ଐତିହ୍ୟ ବହୁ ପ୍ରାଚୀନ ଅଟେ। କୁଡୁମାଲି ଭାଷା ମଧୁର ଓ ସରଳତା ଭରି ରହିଛ। ଅନ୍ୟମାନଙ୍କ ମଧ୍ୟରେ କୁଡୁମାଲି ଭାଷା ଓ ଲିପିର ଗବେଷକ ହରେକୃଷ୍ଣ ମହାନ୍ତ ଓ ଉମାକାନ୍ତ ମହାନ୍ତ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଥିଲେ। ଟମକା ଜୋନର ସଭାପତି ଦ୍ୱୈତାରୀ ମହାନ୍ତ, ସମ୍ପାଦକ ଲଲାଟେନ୍ଦୁ ମହାନ୍ତ, ଡୁବୁରି ଜୋନ ନାରାୟଣ ମହାନ୍ତ, ଶାଳିଜଙ୍ଗା ଓ ମଣ୍ଡପଡ଼ା ଜୋନର ଲାଲମୋହନ ମହାନ୍ତ, ସମ୍ପାଦକ ତ୍ରିନାଥ ମହାନ୍ତ, ମହିଳା ଦଳ ପାଙ୍କଜିନି ମହାନ୍ତ, ସବିତା ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ସ୍ୱଜାତି ଆଦିବାସୀ କୁଡୁମି ସମାଜର ଝୁମର ନୃତ୍ୟରେ ମଶଗୁଲ ହୋଇଥିଲେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ବରୀ, ୫ା୧ (ମହେନ୍ଦ୍ର ସ୍ୱାଇଁ):

ବରୀ ଶିକ୍ଷା ମଣ୍ଡଳ ଅଧୀନ ଉଦୟନାଥପୁର ଗ୍ରାମର ବରିଷ୍ଠ ଶିକ୍ଷକ ମନ୍ମଥ ଚନ୍ଦ୍ର ମଲ୍ଲିକ(୭୨)ଙ୍କର ପରଲୋକ ଘଟିଛି। ସେ ଅସୁସ୍ଥ ହୋଇ ଭୁବନେଶ୍ୱରରଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶେଷ ଦର୍ଶନ ଲାଗି ସୁନାମୁହିଁ- ଚାରିମାଣିଆ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ ବରୀ ଅଞ୍ଚଳର ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଶିକ୍ଷକ ଓ ଗ୍ରାମବାସୀ ଶେଷ ଦର୍ଶନ କରିବା ପରେ ଶୋଭାଯାତ୍ରାରେ ମୃତଦେହକୁ ନେଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପୂର୍ଣ୍ଣ କରାଯାଇଛି। ତାଙ୍କ ପୁତ୍ର ଜ୍ଞାନରଞ୍ଜନ ମୁଖାଗ୍ନି ଦେଇଥିବା ବେଳେ ବଡ଼ଭାଇ ନାରାୟଣ, ପ୍ରସନ୍ନ ସାମଲ, ବିଜୟ କୁମାର ଦାଶ, ବିଚିତ୍ରା ନନ୍ଦ ମହାକୁଡ଼ ପ୍ରମୁଖ ଗ୍ରାମର ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ।

## ଚାଷୀଙ୍କ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

ଯାଜପୁରଟାଉନ,୫ା୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଧାନ ଚାଷୀଙ୍କ ସମସ୍ୟା ନେଇ ମିଳିତ ଜନ ଅଭିଯୋଗ ଶୁଣାଣିରେ ଭାଜପା ନେତା ପୁଲିନ ବିହାରୀ ପୁହାଣ ଜିଲାପାଳଙ୍କୁ ଭେଟି ଚାଷୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀ ଧାନ ଅମଳ କରିଥିଲେ ମଧ୍ୟ ମଣ୍ଡି ଖୋଲି ନ ଥିବାରୁ ଧାନ ଦେଇ ପାରୁନାହାନ୍ତି। ଦଶରଥପୁର ଓ ଯାଜପୁର ବ୍ଲକର ଶତାଧିକ ଚାଷୀ ଏ ନେଇ ଭାଜପା ନେତାଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଚାଷୀଙ୍କ ସହିତ ନେତା ପୁହାଣ ଜିଲାପାଳଙ୍କୁ ଭେଟିବା ସହ ତୁରନ୍ତ ମଣ୍ଡି ଖୋଲିବାକୁ ନିବେଦନ କରିଥିଲେ। ଖୁବ୍‌ଶୀଘ୍ର ମଣ୍ଡି ଖୋଲାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।

## ୨୫୫ ଅଭିଯୋଗରୁ ୬୫ର ତତ୍କାଳ ଫଇସଲା

**ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର**

ଯାଜପୁର ଟାଉନ, ୫ା୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)



ପ୍ରଶାସନିକ ଅଧିକାରୀଙ୍କୁ ଲୋକମାନେ ଅଭିଯୋଗ କରୁଛନ୍ତି।

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲାପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଅମ୍ବର କୁମାର କର ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କ ଯଥା ସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଶିବିରରେ ୨୫୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୮୧, ସାମୂହିକ ସମସ୍ୟା ସମ୍ପର୍କୀୟ ୧୨, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୨ ଅଭିଯୋଗର ଶୁଣାଣି କରାଯାଇଥିଲା। ୬୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏଥିରେ ଏସ୍‌ପି ଯଶପ୍ରତାପ ଶ୍ରୀମାଲ, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଯାଜପୁର ଉପ ଜିଲାପାଳ ତାପସ ରଞ୍ଜନ ଦେହୁରୀ, ଯାଜପୁର ବିଡିଓ ହେମନ୍ତ କୁମାର ମହନ୍ତ, ଯାଜପୁର ତହସିଲଦାର ରବି ନାରାୟଣ ପାଢ଼ୀ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ନରସିଂହ ଚୌଧୁରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ର ରତ୍ନାକର ମଲ୍ଲିକଙ୍କୁ ଗୋଟିଏ ବ୍ଲାଇଣ୍ଡ ଷ୍ଟିକ୍ ଏବଂ ମୋବାଇଲ ପ୍ରଦାନ କରାଯାଇଛି।

## ଶିକ୍ଷକଙ୍କ ବଦଳି: ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

ବିଞ୍ଝାରପୁର,୫ା୧ (ରାମକୃଷ୍ଣ ଦାସ):



ବିଦ୍ୟାଳୟରେ ତାଲା ପକାଇ ଛାତ୍ରୀଛାତ୍ର, ଅଭିଭାବକ ଧାରଣା ଦେଇଛନ୍ତି।

ବିଞ୍ଝାରପୁର ବ୍ଲକ୍ ଗୁହାଳି ପଞ୍ଚାୟତ ଗୋବିନ୍ଦପୁରସ୍ଥିତ ଏଜିଆଇ ଉଚ୍ଚ ଓ ମନେଇଶୁଣୀ ନୋଡାଲ ଉ.ପ୍ରା. ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକଙ୍କ ବଦଳିକୁ ବିରୋଧକରି ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇବା ସହ ଧାରଣାରେ ବସି ରହିଛନ୍ତି। ବିଦ୍ୟାଳୟର ସହକାରୀ ଶିକ୍ଷକ ନରେନ୍ଦ୍ର ମଲ୍ଲିକଙ୍କ ବଦଳିକୁ ବିରୋଧକରି ସୋମବାର ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଝରଣା ନାୟକ, ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ରଞ୍ଜନ କୁମାର ବାରିକ, ସଦାନନ୍ଦ ଯେନା, ସନାତନ ଯେନା, ୱାର୍ଡସଭ୍ୟା ମିନତୀ ଯେନା, କାଳନ୍ଦୀ ଯେନା, ଗଗନ ବିହାରୀ ନାୟକ, ମଦନମୋହନ ପରିଡା, ପୁଷ୍ପଲତା ବାରିକ, ରଞ୍ଜିତା ଯେନା, ସଞ୍ଜୁଲତା ଯେନା, ପ୍ରତାପ ଯେନା, ଦେବେନ୍ଦ୍ର ଯେନା, ନିକୁଞ୍ଜ ଯେନା, ଗଗନ ବିହାରୀ ଯେନା ପ୍ରମୁଖ ଗ୍ରାମବାସୀ ବିଦ୍ୟାଳୟର ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କୁ ଧରି ସହକାରୀ ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର ଦାବିକରି ଧାରଣା ଦେଇଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ମନେଇଶୁଣୀ ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ମାତ୍ର ୩ଜଣ ଶିକ୍ଷୟିତ୍ରୀଶିକ୍ଷକ ଶିକ୍ଷାଦାନ କରନ୍ତି। ଏହି ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷୟିତ୍ରୀଶିକ୍ଷକ ନ ଥିଲା ବେଳେ ଅସମୟରେ ସହକାରୀ ଶିକ୍ଷକ ମଲ୍ଲିକଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଅନ୍ୟତ୍ର ବଦଳି କରାଯାଇଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେବ। ଏଥିସହ ଶିକ୍ଷାବର୍ଷ ସରିବାକୁ ମାତ୍ର କେଇ ମାସ ଥିଲାବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କ ବଦଳିକୁ ବେଆଇନ ଦର୍ଶାଇ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଉଛି। ଖବରପାଇ ଅପରାହ୍ନରେ ମଣ୍ଡଳ ଶିକ୍ଷାଧିକାରୀ ସତ୍ୟବ୍ରତ ମିଶ୍ର ବିଦ୍ୟାଳୟରେ ପହଞ୍ଚି ଧାରଣାକାରୀଙ୍କ ଦାବିକୁ ୭ ଦିନ ଭିତରେ ପୂରଣ କରିବାକୁ ପ୍ରତିଶ୍ରୁତି ଦେବାରୁ ଧାରଣା ହଟିଥିଲା।

# ଜାତୀୟ ରାଜପଥର ଓଭରବ୍ରିଜ୍ ଉପରେ ବସ୍ ଚଳାଚଳ ନେଇ ଅସନ୍ତୋଷ

ଡେରାବିଶ,୫।୧(ବେବର୍ତ୍ତା ଅଜୟ ଦାସ)



ବଳଭଦ୍ରପୁର ଛକରେ ଲୋକେ ରାସ୍ତାରୋକୋ କରିଛନ୍ତି।

### ପୋଲ ତଳ ରାସ୍ତାରେ ବସ୍ ଚଳାଚଳ ପାଇଁ ଦାବିକଲେ ବଳଭଦ୍ରପୁର ଗ୍ରାମବାସୀ

ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନଂ. ଜାତୀୟ ରାଜପଥ ଡେରାବିଶ ଥାନା ଅଞ୍ଚଳ ଦେଇ କଟକରୁ କେନ୍ଦ୍ରାପଡ଼ା ଓ କେନ୍ଦ୍ରାପଡ଼ାରୁ କଟକ ଯାଉଥିବା ବସ୍‌ଗୁଡ଼ିକ ରାଜପଥରେ ନିର୍ମିତ ହୋଇଥିବା ଓଭର ବ୍ରିଜ୍ ଦେଇ ଯିବା ଫଳରେ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଓଭର ବ୍ରିଜ୍ ଉପରେ ବସ୍ ରହିବା ଯୋଗୁ ପାର୍ଶ୍ୱସ୍ଥ ଗ୍ରାମବାସୀ ଗାଁ ଛକଠାରୁ ବହୁ ଦୂର ଚାଲି ଚାଲି ବସ୍ ଧରିବାକୁ ପଡୁଥିବାରୁ ଏହାର ତୁରନ୍ତ ସମାଧାନ ପାଇଁ ପରିବହନ କର୍ତ୍ତୃପକ୍ଷ ଓ କେନ୍ଦ୍ରାପଡ଼ା ବସ୍ ମାଲିକ ସଂଘ ନିକଟରେ ବାରମ୍ବାର ଦାବି ହୋଇ ଆସୁଛି । ତେବେ ଥାନା ଅଧିନସ୍ଥ ବଳଭଦ୍ରପୁର ଛକରେ ଶତାଧିକ ଯାତ୍ରୀ ଦୈନିକ ଦୂରଦୂରାନ୍ତକୁ ଯିବା ପାଇଁ ବସ୍‌ଉପରେ ନିର୍ଭର କରିଥାନ୍ତି । ମାତ୍ର ଓଭରବ୍ରିଜ ତଳେ ନିର୍ମିତ ହୋଇଥିବା ରାସ୍ତାରେ ବସ୍‌ଗୁଡ଼ିକ ଯାଉନଥିବାରୁ ସମ୍ପୃକ୍ତ ଅଞ୍ଚଳର ଗ୍ରାମବାସୀ ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସୋମବାର ବଳଭଦ୍ରପୁର, ଛଟିଣା ଓ ନୂଆହାଟ ସମେତ ଅନ୍ୟଗ୍ରାମର ଶତାଧିକ ଗ୍ରାମବାସୀ ସକାଳ ୭ଟାରୁ ଓଭରବ୍ରିଜ୍ ଉପରେ ଦେଇ ଯାଉଥିବା ବସ୍‌ଗୁଡ଼ିକୁ ଅଟକାଇ ତଳରାସ୍ତାରେ ଯିବା ପାଇଁ ଜିଦ୍ ଧରିଥିଲେ । ଖବର ପାଇ ଡେରବିଶ ପୋଲିସ ପହଞ୍ଚି ରାସ୍ତାରୋକୋ କରିଥିବା ଗ୍ରାମବାସୀଙ୍କ ସହ ଆଲୋଚନା କରି ଜିଲା ବସ୍‌ମାଲିକ ସଂଘ କର୍ମକର୍ତ୍ତାଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ । ମଙ୍ଗଳବାର ସକାଳଠାରୁ ସମସ୍ତ ବସ୍ ଓଭରବ୍ରିଜ୍ ତଳ ରାସ୍ତାରେ ଯିବା ପାଇଁ ସଂଘ କର୍ମକର୍ତ୍ତାମାନେ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତାରୋକୋରୁ ହଟିଥିଲେ ।

# ଜିଓ ସିନ୍ଥେଟିକ୍ ପାଚେରିରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ରାଜନଗର, ୫।୧(ଭାସ୍କର ରାଉତରାୟ)



ନିଆଁରେ ପୋଡି ନଷ୍ଟ ହୋଇଯାଇଥିବା ରାଜନଗର ବ୍ଲକ ପେଣ୍ଠରେ ଥିବା ଜିଓ ସିନ୍ଥେଟିକ୍ ପାଚେରି ।

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ପେଣ୍ଠ ନିକଟରେ ବଙ୍ଗୋପସାଗରର ଉଚ୍ଚ ଜୁଆରକୁ ଅଟକାଇବା ପାଇଁ ନିର୍ମାଣ ହୋଇଥିବା ଓଡ଼ିଶାର ପ୍ରଥମ ଜିଓ ସିନ୍ଥେଟିକ୍ ପାଚେରି ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ପାଚେରି ନଷ୍ଟ ନ ହେବା ପାଇଁ ସମୁଦ୍ର ପାର୍ଶ୍ୱରେ ଦିଆଯାଇଥିବା ଗ୍ୟାବିନ୍ ବକ୍ସ ଯାହାକି ପଲିମର ଜାତୀୟ ଦଉଡିରେ ପ୍ରସ୍ତୁତ ଜାଲିରେ ପଥର ପୂରାଯାଇ ଥୁଆଯାଇଥିଲା, ସେଥିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ସୋମବାର ସକାଳୁ ଜିଓ ସିନ୍ଥେଟିକ୍ ପାଚେରିରେ ନିଆଁ ଲାଗି ଜଳୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ଧରି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଆୟତ୍ତ କରାଯାଇ ପାରି ନ ଥିଲା। ଦୀର୍ଘ ୭ ଘଣ୍ଟା ଧରି ପାଣି ମାଡ କରିବା ପରେ ଆୟତ୍ତକୁ ଆସିଥିଲେ ମଧ୍ୟ ଜିଓ ସିନ୍ଥେଟିକ୍ ପାଚେରି ମଧ୍ୟରୁ ଧୂଆଁ ବାହାରୁଥିବାରୁ ତାକୁ ଆୟତ୍ତ କରିବା ପାଇଁ ଚେଷ୍ଟା ଜାରି ରହିଛି। ତଟବନ୍ଧ ବିଭାଗ ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ମଲ୍ଲ ଘଟଣାସ୍ଥଳରେ ରହି ନିଆଁ ଆୟତ୍ତ ପ୍ରକ୍ରିୟା ତଦାରଖ କରୁଛନ୍ତି। ଏହି ନିଆଁ ରବିବାର ରାତିରେ କିଏ ଓ କାହିଁକି ଲଗାଇଲେ ତାହା ଏଯାଏ ସ୍ପଷ୍ଟ ହୋଇନି। ଅଗ୍ନିକାଣ୍ଡରେ ଗ୍ୟାବିନ୍ ବକ୍ସ କ୍ଷତିଗ୍ରସ୍ତ ହେବା ପରେ ଜିଓ ସିନ୍ଥେଟିକ୍ ପାଚେରି ପ୍ରତି ବିପଦ ସୃଷ୍ଟି ହୋଇଛି। ଆନ୍ଧ୍ରର ଓପାଡା ପରେ ଓଡ଼ିଶାର ପେଣ୍ଠଠାରେ ଭାରତର ୨ୟ ଜିଓ ସିନ୍ଥେଟିକ୍ ୱାଲ୍ ୨୦୧୬ରେ ନିର୍ମାଣ ହୋଇଥିଲା।

# ବଣିକ ସଂଘ ପକ୍ଷରୁ ଗୀତା ଜ୍ଞାନଯଜ୍ଞ, ଆଧ୍ୟାତ୍ମିକ ପ୍ରବଚନ

ରାଜକନିକା,୫।୧(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ପଶ୍ଚିମ କନିକାର କଣ୍ଡିଆହାଟ ବଣିକ ସଂଘ ପକ୍ଷରୁ ନୂତନ ବର୍ଷ ୨୦୨୬ରେ ସମସ୍ତଙ୍କ ମଙ୍ଗଳ କାମନା କରି ଗୀତା ଜ୍ଞାନ ଯଜ୍ଞ, ହରି କୀର୍ତ୍ତନ ଓ ଆଧ୍ୟାତ୍ମିକ ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପଣ୍ଡିତମାନଙ୍କ ଦ୍ୱାରା ଗୀତା ଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ, ଶୀତୁଆ ସନ୍ଧ୍ୟାରେ ସର୍ବେ ଭବନ୍ତୁ ସୁଖୀନଃ କାର୍ଯ୍ୟକ୍ରମରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ବେଦ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ନଇଁଲେ ପାଇବାର ଉପାଦେୟ ଉଦାହରଣ ରଖି ଆଧ୍ୟାତ୍ମିକ ପ୍ରବଚନ ରଖିଥିଲେ। ତାଙ୍କୁ ଶୁଣିବା ପାଇଁ ଶତାଧିକ ଆଧ୍ୟାତ୍ମିକପ୍ରେମୀ ଉପସ୍ଥିତ ହୋଇ ଶୁଣିଥିଲେ। କଣ୍ଡିଆହାଟ ବଣିକ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମହିଳା ବିଡିଓଙ୍କୁ ଆକ୍ରମଣ ଘଟଣା ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା ସରପଞ୍ଚ, ସମିତି ସଭ୍ୟ ଓ ସମର୍ଥକମାନେ।

# ବାଂଲାଦେଶୀଙ୍କ ଅତ୍ୟାଚାରରେ ପୀଡ଼ିତ ଗ୍ରାମବାସୀଙ୍କ ଅଭିଯୋଗ

କେନ୍ଦ୍ରାପଡ଼ା, ୫।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ପେଣ୍ଠ ବାଲିକୁଦା ଗ୍ରାମବାସୀଙ୍କ ଅଭିଯୋଗ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବାଂଲାଦେଶରୁ ଅନୁପ୍ରବେଶ କରି ଏହି ଗ୍ରାମରେ ରହୁଥିବା ହଳଦିଆ ବାବା ଜମି ଜବରଦଖଲ ସହ ଗ୍ରାମବାସୀଙ୍କ ଉପରେ ଅତ୍ୟାଚାର କରୁଛନ୍ତି। ଏନେଇ ଗ୍ରାମବାସୀ ପ୍ରଶାସନିକ ତଦନ୍ତ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ମଲ୍ଲିକଙ୍କୁ ସୋମବାର ପ୍ରଦାନ କରିଛନ୍ତି। ଘଟଣାର ତୁରନ୍ତ ତଦନ୍ତ ସହ ରିପୋର୍ଟ ପ୍ରଦାନ ପାଇଁ ମାର୍ଶାଘାଇ ତହସିଲଦାରଙ୍କୁ ଅତିରିକ୍ତ ଜିଲାପାଳ ମଲ୍ଲିକ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟତମ ଅଭିଯୋଗକାରୀ ଗ୍ରାମର ଶରତ ଚନ୍ଦ୍ର ମଲ୍ଲ କହିଛନ୍ତି, ହଳଦିଆ ବାବା ୯୦ ଦଶକର ଶେଷ ସମୟରେ ଗ୍ରାମର ଏକ ସରକାରୀ ଜମିରେ ଚାଳିଆ ମାରି ରହୁଥିଲେ । ପରେ ସେ ବାଂଲାଦେଶରୁ ବେଆଇନ ଭାବେ ଏଠାରେ ଆସି ରହିଥିବା ଜଣାପଡ଼ିଥିଲା । ଏନେଇ ଗ୍ରାମବାସୀ ସେ ସମୟରେ ତାଙ୍କୁ ବିରୋଧ କରିଥିଲେ । ମାତ୍ର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମର ଗୋଚର ଜମିକୁ ଜବରଦଖଲ କରି ଘର ସହିତ ମନ୍ଦିର ନିର୍ମାଣ କରିଥିଲେ। ଏହି ଘରେ ବହୁ ସମୟରେ ଅନେକ ଅସାମାଜିକ ବ୍ୟକ୍ତିଙ୍କ ଯାତାୟାତ ରହୁଛି। ଏନେଇ ହଳଦିଆ ବାବାଙ୍କୁ ବିରୋଧ କଲେ ସେ କେତେକ ଅସାମାଜିକ ବ୍ୟକ୍ତିଙ୍କ ସହାୟତାରେ ଗ୍ରାମରେ ଅଶାନ୍ତି ସୃଷ୍ଟି କରିବା ସହ ଅତ୍ୟାଚାର କରୁଛନ୍ତି। ଇତିମଧ୍ୟରେ ଏହି ଛଦ୍ମବେଶୀ ବାବା ଭାରତ ସରକାରଙ୍କ ପ୍ରଦତ୍ତ ଆଧାର କାର୍ଡ, ଭୋଟର କାର୍ଡ ଓ ରାଶନ କାର୍ଡ ଆଦି ହାତେଇଛନ୍ତି । ଏନେଇ ତଦନ୍ତ ହେଲେ ବାଂଲାଦେଶ ସହିତ ସଂଯୋଗ ସମ୍ପର୍କରେ ସତ୍ୟ ଧରାପଡ଼ିବ । ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବିପତ୍ର ଦେଇଥିବା ଗ୍ରାମର ଅଧିବାସୀ ମଲ୍ଲ କହିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ରାମନାଥ ସାମନ୍ତରାୟ, ବିମଳ ଚନ୍ଦ୍ର ମହାନ୍ତି, ସୁଜାତା ସ୍ୱାଇଁ ଓ ପ୍ରହ୍ଲାଦ ନାୟକଙ୍କ ସମେତ ୩୦ରୁ ଅଧିକ ଗ୍ରାମବାସୀ ସାମିଲ ହୋଇଥିଲେ ।

# ଦିନ ତମାମ ବ୍ଲକରେ ତାଲା

ରାଜନଗର, ୫।୧(ଭାସ୍କର ରାଉତରାୟ)

**ମହିଳା ବିଡିଓଙ୍କୁ ଆକ୍ରମଣ ଘଟଣା**

- ■ସରପଞ୍ଚ, ସମିତିସଭ୍ୟଙ୍କ ଧାରଣା
- ■ଭୁବନେଶ୍ୱରରେ ଖବରଦାତା ସମ୍ମିଳନୀ
- ■ପୋଲିସ ଡିଜିଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

ରାଜନଗର ବ୍ଲକ ବିଡିଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ସଙ୍ଘବଦ୍ଧ ଆକ୍ରମଣ ଉଦ୍ୟମ ଘଟଣା ସବୁ ମହଲରେ ଉଦବେଗ ସୃଷ୍ଟି କରିଛି। ଘଟଣାକୁ ୭୨ଘଣ୍ଟା ପରେ ବି ଅଭିଯୁକ୍ତ ଗିରଫ ହୋଇନଥିବାରୁ ଏହାକୁ ନେଇ ପତିକ୍ରିୟା ବଢିବାରେ ଲାଗିଛି। ସୋମବାର ଅଫିସ ଖୋଲିବା ପୂର୍ବରୁ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଓ ତାଙ୍କ ସମର୍ଥକମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସି ରହିଥିଲେ। ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ଉପଧାକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସରପଞ୍ଚ ସଂଘ ସଭାପତି ଅଶୋକ କୁମାର ମହାନ୍ତି , ଡେରା ସରପଞ୍ଚ ତଥା ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ସରପଞ୍ଚ , ସମିତିସଭ୍ୟ ଓ ତାଙ୍କ ସମର୍ଥକମାନେ ଗଣଧାରଣାରେ ବସିଥିଲେ। ଫଳରେ ବ୍ଲକ କର୍ମଚାରୀ ଓ ଅଧିକାରୀମାନେ ଅଫିସ ଭିତରକୁ ଯାଇ ନ ପାରି ଫେରିଯାଇଥିଲେ। ଆଜି ଦିନ ତମାମ ବ୍ଲକ ଅଫିସର ସବୁ କାର୍ଯ୍ୟ ବନ୍ଦ ରହିଥିଲା। ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲାପାଳ ଅରୁଣ କୁମାର ନାୟକ, ତହସିଲଦାର ଯୀଶୁକୃଷ୍ଣ ଦାସ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନର ବାଟ ବାହାରି ପାରିନାହିଁ। ଅଭିଯୁକ୍ତଙ୍କୁ ଗିରଫ ନ କରାଯିବା ଯାଏ ବ୍ଲକରେ ପ୍ରତିଦିନ ତାଲା ପକାଇ ଗଣଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ଘଟଣା ସମ୍ପର୍କରେ ବିଜେଡିର ବରିଷ୍ଠ ନେତା ପ୍ରତାପ କୁମାର ଜେନାଙ୍କ ନେତୃତ୍ୱରେ ସୋମବାର ଅପରାହ୍ନ ୪ ଟାରେ ପୋଲିସ ଡିଜିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପଟେ ଶଙ୍ଖ ଭବନରେ ବରିଷ୍ଠ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିହାର ଓ ରାଜନଗର ବିଧାୟକ ଧ୍ରୁବ ସାହୁ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଅନ୍ୟ ପକ୍ଷରେ ରବିବାର ରାତିରେ ରାଜନଗର ଥାନାରେ ବିଡିଓ ଓ ପଞ୍ଚାୟତ ସମିତି ଅଧକ୍ଷାଙ୍କ ନାଁରେ ଭାଜପା ସମର୍ଥକମାନେ ୨ଟି ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ରାଜନଗର ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପାର୍ଥୀ ଲଳିତ କୁମାର ବେହେରାଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ଗତ ୨ ତାରିଖରେ ରାଜନଗର ବିଡିଓ ତିଲୋତ୍ତମା ପୃଷ୍ଟିଙ୍କ କାର୍ଯ୍ୟାଳୟରେ ପଶି ଧମକ ଦେବା ସହ ମାରିବାକୁ ଉଦ୍ୟମ କରିଥିଲେ।

# କଠିନ ପରିଶ୍ରମ ଜୀବନର ଲକ୍ଷ୍ୟ ପଥରେ ପହଞ୍ଚାଇଥାଏ

ଆଳି, ୫।୧(ବନମାଳୀ ସେନାପତି)

**ସହିରା ପଞ୍ଚାୟତ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ**

ଭଲଠାରୁ ଯିଏ ମନ୍ଦର ଫରକ ବୁଝେ ସିଏ ହିଁ ଶିକ୍ଷିତ। ପ୍ରତେକ ଶିକ୍ଷିତ ମଣିଷ ହିଁ ଭଲ ଓ ମନ୍ଦ ମଧ୍ୟରେ ରହିଥିବା ଫରକ କ'ଣ ଠିକ୍ ଭାବେ ଜାଣେ। ଶିକ୍ଷିତ ବ୍ୟକ୍ତି ହିଁ ସମାଜ ପାଇଁ ଅନେକ କାର୍ଯ୍ୟ କରେ ବୋଲି ସହିରା ପଞ୍ଚାୟତ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ଏହା ପ୍ରକାଶ କରିଛନ୍ତି। ଉଦ୍‌ଯାପନୀ ଦିବସରେ ପ୍ରଫେସର ଡ଼. ରାମଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ,ସମ୍ମାନିତ ଅତିଥି କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା,ମୁଖ୍ୟ ବକ୍ତା ବରିଷ୍ଠ ସାହିତ୍ୟିକ ଦାଶ ବେନେହୁର ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ପ୍ରତାପ ଦେବ କହିଥିଲେ, ଏହି ବିଦ୍ୟାଳୟ ଆଜି ଏକ ମାଇଲ ଖୁଣ୍ଟ ଅତିକ୍ରମ କରିଛି। ଯାହାକି ପଞ୍ଚାୟତ ପାଇଁ ଏକ ଗର୍ବ ଓ ଗୌରବର ବିଷୟ । ସମ୍ମାନିତ ଅତିଥି କେନ୍ଦ୍ରାପଡ଼ା ବିଧାୟକ ବେହେରା କହିଥିଲେ, କଠିନ ପରିଶ୍ରମର ବିକଳ୍ପ ନାହିଁ । ଜୀବନର ଲକ୍ଷ୍ୟ ପଥ ନେଇ ପରିଶ୍ରମ କଲେ ନିଶ୍ଚିତ ସଫଳତାର ଶୀର୍ଷରେ ପହଞ୍ଚି ପାରିବ । ମୁଖ୍ୟ ବକ୍ତା ଦାଶ ବେନେହୁର କହିଥିଲେ, ଏବେ ଯୁଗ ବଦଳି ଯାଇଛି । ଶିକ୍ଷାର ମୂଲ୍ୟବୋଧ ଦିନକୁ ଦିନ କମିଯାଉଛି । କାରଣ ଆଜି ଶିକ୍ଷା ଗ୍ରହଣ କରି ସମାଜରେ ଶିକ୍ଷିତ ବ୍ୟକ୍ତି ଭାବେ ଜଣାଶୁଣା ବ୍ୟକ୍ତିମାନଙ୍କ ମଧ୍ୟରେ ବିବେକ ବୋଧ କମି ଯାଉଛି । ଭଲଠାରୁ ଯିଏ ମନ୍ଦର ଫରକ ବୁଝେ ସିଏ ହିଁ ପ୍ରକୃତ ଶିକ୍ଷିତ। ଏହି ଅବସରରେ ସରପଞ୍ଚ ହେମନ୍ତ ମହାନ୍ତି ଓ ସମିତି ସଭ୍ୟ ଏକଲବ୍ୟ ପାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପୁରାତନ ଛାତ୍ର ସଂସଦ ପକ୍ଷରୁ ଅତିଥିମାନଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା ପରିଚାଳନା କରିଥିଲେ ।



ଅତିଥିମାନେ ଜଣଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ସମବାୟ ସମିତି ପରିଦର୍ଶନ କଲେ ବିଧାୟକ

ମାର୍ଶାଘାଇ, ୫।୧
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗାପ୍ରସନ ନାୟକ ସୋମବାର ପରିଦର୍ଶନ କରିଛନ୍ତି । ସମିତି ସଭାପତି ପ୍ରଦୀପ୍ତ କୁମାର ଗାହାଣ, ସମ୍ପାଦକ ଗୋବର୍ଦ୍ଧନ ସାହୁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ମାର୍ଶାଘାଇ ଶାଖା ପରିଚାଳକ ସୁଜିତ ଦାସ, ସମିତି ନିର୍ଦ୍ଦେଶକ ବିଚିତ୍ରାନନ୍ଦ ବେହେରା,ମନୋରଞ୍ଜନ ସାମଲ ଓ ଉପେନ୍ଦ୍ର ବେହେରା ପ୍ରମୁଖ ପୁଷ୍ପଗୁଛ ଦେଇ ବିଧାୟକଙ୍କୁ ସ୍ୱାଗତ କରିଥିଲେ । ଆଗକୁ ଧାନମଣ୍ଡି ଖୋଲିବାକୁ ଥିବାରୁ ଧାନକ୍ରୟ ନେଇ ଉପସ୍ଥିତ ଥିବା ଜିଲା ସମବାୟ ବିଭାଗ ସହ ଅଧିକାରୀ, ମାର୍ଶାଘାଇ ବିଡିଓ ପଞ୍ଚାନନ ମଲିକ, ବ୍ଲକ ଯୋଗାଣ ନିରୀକ୍ଷକ ପ୍ରିୟଙ୍କା ସାହୁ, ମାର୍ଶାଘାଇ ସମବାୟ ସମିତି ସଭାପତି, ସମ୍ପାଦକ ଗୋବର୍ଦ୍ଧନ ସାହୁଙ୍କ ସହ ଆଲୋଚନା କରିଥିଲେ । ନିର୍ଦ୍ଦେଶକ ମଣ୍ଡଳୀ ସଭ୍ୟ ନିର୍ମଳ ଦଳାଇ, ବିଜ୍ଞାନ ଦାସ, ଗୁରୁଚରଣ ସ୍ୱାଇଁ, ରମାକାନ୍ତ ମଲିକ, ସମିତି ସହ ସମ୍ପାଦକ ପ୍ରଦ୍ୟୁମ୍ନ ଦାସ, ଡିଇଓ ଜ୍ଞାନରଞ୍ଜନ ସାହୁ ଓ କର୍ମଚାରୀ ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



ମହାକାଳପଡା ବିଧାୟକ ଓ ଅନ୍ୟମାନେ ସମବାୟ ସମିତି ପରିଦର୍ଶନ କରୁଛନ୍ତି।

# ପଟ୍ଟାମୁଣ୍ଡାଇ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି

ପଟ୍ଟାମୁଣ୍ଡାଇ,୫।୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଗୁଡିକର ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଜିଲାପାଳ ରଘୁରାମ ଆର. ଆୟାର ଅଧକ୍ଷତା କରିଥିବା ବେଳେ ଶିବିରରେ ୧୦୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୯୩ ବ୍ୟକ୍ତିଗତ ଓ ୧୫ ସାମୁହିକ ଅଭିଯୋଗ ରହିଥିଲା।। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୧୪ ଅଭିଯୋଗ ତୁରନ୍ତ ସମାଧାନ ହୋଇଥିଲା। ପରେ ଜିଲାପାଳ ପୂର୍ବରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଜୀକୃତ ହୋଇଥିବା ଅଭିଯୋଗ ଗୁଡିକର ସମୀକ୍ଷା କରିଥିଲେ। ଅଭିଯୋଗଗୁଡିକ ମଧ୍ୟରେ ସାମାଜିକ ସୁରକ୍ଷା ବିଭାଗ, ସାମାଜିକ କଲ୍ୟାଣ, ଶିକ୍ଷା, ବିଦ୍ୟୁତ୍, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡ଼ି, ଅବକାରୀ, ଯୋଗାଣ ବିଭାଗ, କ୍ରୀଡା, ସ୍ୱାସ୍ଥ୍ୟ,ଖଣିଜସମ୍ପଦ ଆଦି ରହିଥିଲା। ଅଭିଯୋଗଗୁଡିକର ତୁରନ୍ତ ସମାଧାନ ପାଇଁ ଜିଲାପାଳ ଆୟାର ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଶିବିରରେ ଜିଲାପାଳ ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ,ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଉପଜିଲାପାଳ ଅରୁଣ ନାୟକଙ୍କ ସମେତ ପଟ୍ଟାମୁଣ୍ଡାଇ ବିଡ଼ିଓ ଶୀତଳ ଅଗରଓାଲ, ତହସିଲଦାର ପଞ୍ଚାନନ ନାୟକଙ୍କ ସମେତ ବ୍ଲକ ଓ କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି।

### ବେଆଇନ ବାଲି ଉତ୍ତୋଳନକୁ ନେଇ ଜିଲାପାଳ,ଏସ୍‌ପିଙ୍କୁ ଅଭିଯୋଗ

କେନ୍ଦ୍ରାପଡା ଜିଲା ବ୍ରାହ୍ମଣୀ ନଦୀର ଅମୃତମଣୋହୀ ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ ସାଙ୍ଗକୁ ଚାଲାଣ ନେଇ ଗ୍ରାମବାସୀ ଜିଲାପାଳ ଓ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ସେମାନେ ଦର୍ଶାଇଛନ୍ତି, ନଦୀ ଗର୍ଭରୁ ଜେସିବି ଦ୍ୱାରା ବାଲି ଉତ୍ତୋଳନ ପାଇଁ ପଠା କ୍ଷୟ ହୋଇ ସଂଲଗ୍ନ ଗ୍ରାମ ପ୍ରତି ବିପଦ ସୃଷ୍ଟି କରୁଛି। ସ୍ଥାନୀୟ ପ୍ରଶାସନ ଦେଇଥିବା ଟ୍ରାନ୍‌ଜିଟ ପାସ୍‌ର ଦୁରୁପଯୋଗରେ ବାଲି ଲିଜ୍‌ଧାରୀ ଗୋଷ୍ଠୀ ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି। ବାଲି ମାଫିଆ ଓ ଖଣିବିଭାଗର ଭିତିରି ସମ୍ପର୍କ ଥିବା ନେଇ ଅଭିଯୋଗରେ ଦର୍ଶାଯଇଥିବା ସେମାନେ କହିଛନ୍ତି। ନଦୀ ଶଯ୍ୟାରୁ ବାଲି ଉତ୍ତୋଳନ ପାଇଁ ଲିଜ୍ ସୂତ୍ରରେ ଖାଦାନକୁ ସରକାରଙ୍କ ପକ୍ଷରୁ ଅନୁମତି ଦିଆଯାଇଛି। ଏଥିପାଇଁ ରାଜସ୍ୱ ଦାଖଲ ମଧ୍ୟ ହୋଇଛି। ତେବେ ଲିଜ୍‌ଧାରୀମାନେ ଜେସିବି ସାହାଯ୍ୟରେ ବାଲି ଉତ୍ତୋଳନ କରି ପ୍ରତ୍ୟେହ ଶହ ଶହ ଟ୍ରକ୍ ଯୋଗେ ବାଲି ଚାଲାଣ କରିଛନ୍ତି।

ଦିନରାତି ବାଲି ଚାଲାଣ ଯୋଗୁ ସ୍ଥାନୀୟ ଅଣ୍ଡରା ହାଟରୁ ବଜାର କରୁଥିବା ଲୋକେ ହଇରାଣ ହେଉଛନ୍ତି। ସେହିପରି ଅଳଭା ଓ ନିମପୁରପାଳରୁ ବାଲି ଉତ୍ତୋଳନ ନେଇ ଜିଲାପାଳଙ୍କୁ ଅଭିଯୋଗ ହୋଇଛି। ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ଲିଜ୍‌ଧାରୀଙ୍କ ସହକର୍ମୀମାନେ ନାଲି ଆଖି ଦେଖାଇ ଚୁପ୍ କରିଛନ୍ତି। ପୂର୍ବରୁ ବାଲି ଉତ୍ତୋଳନକୁ ନେଇ ଗଣ୍ଡଗୋଳ ଘଟି କୋର୍ଟରେ ମାମଲା ବିଚାରାଧୀନ ରହିଛି। ଏହା ସତ୍ତ୍ୱେ ବେଆଇନ ବାଲି ଉତ୍ତୋଳନ ସାଙ୍ଗକୁ ପରିବହନ ପୁନଶ୍ଚ ଉତ୍ତେଜନା ପରିସ୍ଥିତିକୁ ଆମନ୍ତ୍ରଣ କରୁଥିବା ପୂର୍ବତନ ସରପଞ୍ଚ ଶେଶାଦ୍ରୀ ମଲିକ, କୁଳମଣୀ ମଲିକ, ୧୫ ନଂ. ଜୋନ ଭାଜପା ମଣ୍ଡଳ ସଭାପତି ଆରୋଶିଷ ରାଉତଙ୍କ ସମେତ ୧୦୦ ଉର୍ଦ୍ଧ୍ୱ ଉଭୟ ଗ୍ରାମର ଲୋକେ ଅଭିଯୋଗ କରିଛନ୍ତି।

### ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ସମସ୍ୟାକୁ ନେଇ ବିକାଶ ପରିଷଦର ୭ ଦଫା ଦାବି

ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ,ଆମ୍ବେଡ଼କର ସ୍ମୃତି ସଂସଦ ସଭାପତି ବାରେଣୀ ସେଠୀ, ଚନ୍ଦନ ପାତ୍ର ପ୍ରମୁଖ ଏକ ପ୍ରତିନିଧିଦଳ ଯୁଗ୍ମ ଅଭଯୋଗ ଶୁଣାଣିରେ ଜିଲାପାଳଙ୍କୁ ଭେଟି ୭ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ସେଥିରୁ ତୁରନ୍ତ ପଟ୍ଟାମୁଣ୍ଡାଇ ଅଞ୍ଚଳପାଇଁ ଏକ ମୃତଦେହ ବ୍ୟବଚ୍ଛେଦ ଗୃହ, ପୌରାଞ୍ଚଳ ୧୯ ନଂ ଓାର୍ଡରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସରକାରୀ ନିଜସ୍ୱ ଜାଗାରେ ସ୍ଥାୟୀ କରାଇବା, ପଟ୍ଟାମୁଣ୍ଡାଇ ବାସୀ କାଠ ଚିରାଇବା ପାଇଁ ନାନା ହଇରାଣ ହେଉଛନ୍ତି। ସେଥିନେଇ ଏକ କରତକଳ ପ୍ରତିଷ୍ଠା ଅନୁମତି ପ୍ରଦାନ କରିବା, ଉଚ୍ଛେଦ ଉଠାଦୋକାନୀଙ୍କୁ ଥଇଥାନ, ବ୍ଲକରେ ହେଉଥିବା ଜନଶୁଣାଣି ଶିବିରକୁ ଜନସାଧାରଣ ଅବଗତ ହୋଇପାରୁ ନାହାନ୍ତି। ସେଥିନେଇ ପ୍ରଶାସନ ଡାକବାଜି ଯନ୍ତ୍ରରେ ୭ ଦିନ ପୂର୍ବରୁ ପ୍ରଚାରକରିବା ସହ ଚିଟଫଣ୍ଡ ଅର୍ଥ ଫେରସ୍ତ ପାଇଁ ସରକାରଙ୍କ ନିର୍ଦ୍ଦେଶକୁ ପ୍ରଶାସନର ସହଯୋଗ ଏବଂ ପଟ୍ଟାମୁଣ୍ଡାଇରେ ଗୋଶାଳା ଖୋଲିବା ଆଦି ସମ୍ପର୍କରେ ଦାବୀପତ୍ର ପ୍ରଦାନ କରିଥିଲେ।

**ବାଦାମ ଗଛରେ କାଳିମୁଖୀ ପୋକ**

ଯାଜପୁରଟାଉନ, (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):ଯାଜପୁର ବ୍ଲକ ସୁଜନପୁର ପଞ୍ଚାୟତର କେତେଜଣ ଚାଷୀ ବାଦାମ ଚାଷ କରିଥିବାବେଳେ ଗଛରେ କାଳିମୁଖୀ ପୋକ ଲାଗି ନଷ୍ଟ ହୋଇଯାଉଛି। କେତେକ କ୍ଷେତ୍ରରେ ଗଛ ମରି ଯାଉଛି। ଏହି କାଳିମୁଖୀ ପୋକ ବଂଶ ବିସ୍ତାର କରି ସମଗ୍ର ବାଦାମ ଫସଲକୁ ନଷ୍ଟ କରୁଛି। ଏ ନେଇ କୃଷି ବିଭାଗ ନିକଟରେ ଦାବି କରିଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ମିଳିତ ଜନ ଅଭିଯୋଗ ଶୁଣାଣିରେ ବାଦାମ ଚାଷୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଏହାର ପ୍ରତିକାର ନିମନ୍ତେ ନିବେଦନ କରିଥିଲେ।

# ସଲମାନ୍ ଅଲ୍ଲୀଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ



ବଲିଉଡ କଣ୍ଠଶିଳ୍ପୀ ସଲମାନ୍ ଅଲ୍ଲୀ ମଞ୍ଚରେ ସଙ୍ଗୀତ ପରିବେଷଣ କରୁଛନ୍ତି।




ମହୋତ୍ସବର ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

## ଧର୍ମଶାଳା ମହୋତ୍ସବର ୧୨ତମ ସନ୍ଧ୍ୟା

**କାଏମା, ୫।୧ (ଶିବପ୍ରସାଦ ମହାନ୍ତି)**

ଧର୍ମଶାଳା ମହୋତ୍ସବର ୧୨ତମ ସନ୍ଧ୍ୟାରେ ସୋମବାର ମୁଖ୍ୟ ଅତିଥି ଭାବେ ଏସପି ୟସ୍ ପ୍ରତାପ ଶ୍ରୀମଲ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ପୂର୍ବ ଅପେକ୍ଷା ବର୍ତ୍ତମାନର ମହୋତ୍ସବ ବହୁତ ଆଗକୁ ବଢ଼ିଛି। ଏହି ଭଳି ଆୟୋଜନ ପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇବା ସହ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ମଧ ଧନ୍ୟବାଦ ଜଣାଇଥିଲେ। ସମସ୍ତଙ୍କୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଡିଓ ଦେବୀ ପ୍ରସାଦ ମହାନ୍ତି ଯୋଗଦେଇ ଧର୍ମଶାଳାର ଉନ୍ନତି ପାଇଁ ବିଧାୟକ ସର୍ବଦା ପ୍ରୟାସ ଜାରି ରଖିଛନ୍ତ ବୋଲି କହିଥିଲେ। ମଞ୍ଚ ଉପରକୁ ଯାଇ ଅନେକ ଲୋକ ପ୍ରିୟ ଗୀତା ଗାଇଥିଲେ। ଅନ୍ୟତମ ସମ୍ମନିତ ଅତିଥି ଭାବେ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଡିଏଫ୍ଓ ଅନିଲ ରାୟ ଯୋଗଦେଇଥିଲେ। କମିଟି ସଂଯୋଜକ ଦେବରାଜ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ରବିନରାୟଣ ସାହୁ ଧନ୍ୟବାଦ ଜଣାଇଥିଲେ।

ମହୋତ୍ସବ ପଡ଼ିଆରେ କରାଯାଇଥିବା ମୁକ୍ତାକାଶ ମଞ୍ଚରେ ଇଣ୍ଡିଆନ ଆଇଡଲ୍ର ବଲିଉଡ କଣ୍ଠଶିଳ୍ପୀ ସଲମାନ ଅଲ୍ଲୀ ଓ ସାଥୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଯାହାକୁ ଦର୍ଶକମାନେ ଭରପୁର ଉପଭୋଗ କରିଥିଲେ। ତେରୀ ଦିୱାନୀ ..., ତେରେ ନାମ ସେ ଜିୟୁ..., ମେ ରେ ରସ୍କେ କମର ତୁନେ ପେହେଲି ନଜର..., ଜିୟା ଜୟେନା ଜାୟେନା..., ଓ ରେ ପିୟା ରେ..., ୟେ ମେରା ଦିଲ ପ୍ୟାର କା ଦିୱାନା ଭଳି ଅନେକ ଗୀତ ଗାଇ ଦର୍ଶକମାନଙ୍କ ଝୁମାଇ ଥିଲେ। ମହୋତ୍ସବର ଶେଷ ପର୍ଯ୍ୟାୟରେ ଦର୍ଶକମାନଙ୍କ ଭିଡ ବଢିବାରେ ଲାଗିଛି। ଜିଲା ଓ ଜିଲା ବାହାରୁ ବହୁ ସଂଖ୍ୟାରେ ଦର୍ଶକ ଆସି ମେଳାରେ ବୁଲିବାର ମଜା ନେଉଛନ୍ତି। ଧର୍ମଶାଳା ବିଧାୟକଙ୍କ ପରାମର୍ଶକ୍ରମେ କମିଟିର ରଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, ଅଜାମ୍ବର ସାହୁ, ସବ୍ୟସାଚୀ ସୁନ୍ଦରରାୟ, ହିମାଂଶୁ ଶେଖର ମହାନ୍ତି, ଆଲୋକ ପ୍ରଧାନଙ୍କ ସମେତ ବଜାର କମିଟିର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରୁଛନ୍ତି। ଆଇନ ଶୃଙ୍ଖଳ ପାଇଁ କମିଟି ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଇଷ୍ଟକୋଷ୍ଟ ରେଲୱେ, ବିଶାଖାପାଟଣା ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

## ଅଶୋକ ଦାସ ମେମୋରିଆଲ କ୍ରିକେଟ

**ଯାଜପୁରଟାଉନ, ୫।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ୍ ଓ ମେଲବର୍ଣ୍ଣକ୍ରିକେଟ କ୍ଲବ୍ର ମିଳିତ ଉଦ୍ୟମରେ କୁସୁମା ନିକଟସ୍ଥ ଷ୍ଟାଡିୟମରେ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ, ବିଶାଖାପାଟଣା ଓ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଇଷ୍ଟକୋଷ୍ଟ ରେଲୱେ, ଖୋର୍ଦ୍ଧା ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୧୭.୪ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୦୬ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ସାହୁ ସର୍ବାଧିକ ୨୫ରନ୍ ସଂଗ୍ରହ କରିଥିଲେ। ଇଷ୍ଟକୋଷ୍ଟ ରେଲୱେ, ବିଶାଖାପାଟଣାର ବୋଲର ଏନ.ଜେ.ଆର. ପ୍ରସାଦ ୩ ଓଭର ବୋଲିଂ କରି ୧୪ରନ୍ ଦେଇ ୩ ଉଇକେଟ୍ ନେଇଥିବାବେଳେ ସାଇ ବସନ୍ତ ୪ ଓଭର ବୋଲିଂ କରି ୨୪ରନ୍ ଦେଇ ୨ଉଇକେଟ୍ ଅକ୍ତିୟାର କରିଥିଲେ। ଏହାର ଜବାବରେ ଇଷ୍ଟକୋଷ୍ଟ ରେଲୱେ, ବିଶାଖାପାଟଣା ୧୪.୩ ଓଭର ଖେଳି ୫ ଉଇକେଟ୍ ହରାଇ ୧୦୭ରନ୍ ସଂଗ୍ରହ କରି ବିଜୟ ହାସଲ କରି ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ବସନ୍ତ ସର୍ବାଧିକ ୩୯ରନ୍ ସଂଗ୍ରହ କରିଥିଲେ। ଅମ୍ପାୟାର୍ ଭାବେ ଖଗେଶ୍ୱର ମଲ୍ଲିକ, ଆଶୁତୋଷ ପାଣି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି, ସିତାଂଶୁ କର ପରିଚାଳନା କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏମ୍.ଜେ.ଏସ୍. ଆର ପ୍ରସାଦ ପୁରସ୍କୃତ ହୋଇଥିବା ବେଳେ ମ୍ୟାନ୍ ଅଫ୍ ଦି ସିରିଜ ଓ ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ବସନ୍ତ ପୁରସ୍କୃତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଭଣ୍ଡାରୀପୋଖରୀ ନିର୍ବାଚନ ମଣ୍ଡଳୀ ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ, ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହସମ୍ପାଦକ ବଟକୃଷ୍ଣ ମହାପାତ୍ର, ଉପସଭାପତି ଅଭୟ ବଲ୍ଲଭ ପଣ୍ଡା, ପଦାରବିନ୍ଦ ପରିଡ଼ା, ଅୟସକାନ୍ତ ଧଳ, ଶ୍ରୀଜୟ ମହାପାତ୍ର, ମନୋଜ ସାହୁ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ। ଦିବାକର କର, ସଞ୍ଜୟ ବେହେରା, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସିଂ, ସୁବାଶିଷ ରାଉତ, ଭୂପତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍କୁ ପରିଚାଳନା କରିଥିଲେ।

# ୩ ମାସ ହେବ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହିତାଧିକାରୀ

**ଯାଜପୁର, ୫।୧ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକର ବହୁ ହିତାଧିକାରୀ ନଭେମ୍ବରରୁ ଏ ପର୍ଯ୍ୟନ୍ତ ୩ ମାସ ହେବ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଯେଉଁ ହିତାଧିକାରୀମାନେ ଗ୍ରାମ୍ୟ ବ୍ୟାଙ୍କରୁ ସେମାନଙ୍କ ଆକାଉଣ୍ଟ ଯୋଗେ ଭତ୍ତା ଟଙ୍କା ପାଉଥିଲେ, ସେହି ହିତାଧିକାରୀମାନଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଦେଖାଦେଇଛି। ଏନେଇ ସମ୍ପୃକ୍ତ ହିତାଧିକାରୀମାନେ ସୋମବାର ଜିଲାପାଳଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ସହିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ମିଶ୍ରଣ ହେବା ଯୋଗୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆଇଏଫ୍ଏସ୍ସି କୋଡ୍ ପରିବର୍ତ୍ତନ ହୋଇଛି। ଏଣୁ ହିତାଧିକାରୀଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇପାରୁନାହିଁ। ଗତ ୨ ମାସ ହେବ ହିତାଧିକାରୀମାନେ ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟର ନକଲ ଆଦି ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଜମା କରିଥିଲେ ମଧ ତାହା ଏଯାଏ ନବୀକରଣ ହୋଇପାରିନାହିଁ। ଏହି ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ଭୁବନେଶ୍ୱରର ବିଭାଗୀୟ କାର୍ଯ୍ୟାଳୟରୁ ଟଙ୍କା ଆସିପାରିନାହିଁ। ଜରିର ପୂର୍ବତନ ସରପଞ୍ଚ ଭୁବନାନନ୍ଦ ସାମଲଙ୍କ ନେତୃତ୍ୱରେ ହିତାଧିକାରୀମାନେ ଜିଲାପାଳ ଓ ଉପଜିଲାପାଳଙ୍କୁ ଭେଟି ତୁରନ୍ତ ବକେୟା ଟଙ୍କା ସହିତ ଚଳିତ ମାସଠାରୁ ନିୟମିତ ଭାବେ ଭତ୍ତା ଟଙ୍କା ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି। ଏହାପରେ ଉପଜିଲାପାଳ ତୁରନ୍ତ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଡାକି ହିତାଧିକାରୀମାନେ କିପରି ଭତ୍ତା ଟଙ୍କା ଅବିଳମ୍ବେ ପାଇପାରିବେ, ସେଥିପାଇଁ ରାଜ୍ୟର ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨ ସପ୍ତାହ ମଧ୍ୟରେ ହିତାଧିକାରୀଙ୍କ ଭତ୍ତା ଟଙ୍କା ଆକାଉଣ୍ଟ ଯୋଗେ ପ୍ରଦାନ କରାଯିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। କିଶୋର ଜେନା, ଘନଶ୍ୟାମ ଜେନା, ବିଚିତ୍ରାନନ୍ଦ ମଳିକ, ନାରାୟଣ ଜେନା, କବିରାଜ ମଳିକ, ଘନଶ୍ୟାମ ମଳିକ, କୈଳାସ ମଳିକ, ବନମାଳୀ ମଳିକ, ରାଜେନ୍ଦ୍ର ମଳିକ, ନିରାକାର ମଳିକ, ଯୁବରାଜ ମଳିକ, ନିରଞ୍ଜନ ମଳିକ, ଚକ୍ରଧର ମଳିକ, ବିଦ୍ୟାଧର ମଳିକ ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ।



ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ବୃଦ୍ଧମାନେ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି।

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା

**ବରୀ, ୫।୧ (ମହେନ୍ଦ୍ର ସ୍ୱାଇଁ):** ବରୀ ଶିକ୍ଷା ମଣ୍ଡଳ ଅଧୀନ ପଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି କରି ଛାତ୍ରୀଛାତ୍ର ଓ ଅଭିଭାବକମାନେ ତାଲା ପକାଇ ସୋମବାର ଧାରଣାରେ ବସିଥିଲେ। ବିଦ୍ୟାଳୟରେ ୭୭ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ ଥିବାବେଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବାରୁ ଏବେ ଜଣେ ମାତ୍ର ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ଏ ବିଷୟରେ ଗ୍ରାମବାସୀ ଓ ଅଭିଭାବକ ବରୀ ଶିକ୍ଷାମଣ୍ଡଳ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଏଭଳି ଧାରଣା ଦିଆଯାଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଯେତେ ଦିନ ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ଆବଶ୍ୟକ ମୁତାବକ, ଶିକ୍ଷକ ପଦବୀ ପୂରଣ ନ ହୋଇଛି ଏହି ଧାରଣା ଅବ୍ୟାହତ ରହିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବରୀ ଶିକ୍ଷା ମଣ୍ଡଳ ଅଧିକାରିଣୀ ପ୍ରତିଶ୍ରୁତି ସିଂଙ୍କୁ ପଚାରିବାରେ ଧାରଣାରେ ବସିବା ପୂର୍ବରୁ ମୋ ପାଖରେ ଲିଖିତ କିମ୍ବା ମୌଖିକ ଅଭିଯୋଗ କରାଯାଇନାହିଁ। ଏହି ବିଦ୍ୟାଳୟର ମୋଟ ୭୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫ ଜଣ ଶିଶୁ ବାଟିକା ଅଧୀନରେ ଅଧ୍ୟୟନରତ ଅଛନ୍ତି। ନିୟମ ଅନୁଯାୟୀ ବିଦ୍ୟାଳୟରେ ୨ ଜଣ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟରତ ଅଛନ୍ତି।

# ସମସ୍ୟା ଦୂର ଦାବିରେ ବ୍ଲକ ସମ୍ମୁଖରେ ବିଦ୍ୟାର୍ଥୀଙ୍କ ଧାରଣା

## ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ ଉନ୍ନୟନ କାର୍ଯ୍ୟକୁ ଅଣଦେଖା

**ରସୁଲପୁର, ୫।୧ (ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ଖଇରାବାଦ-ମୁଗୁପାଳସ୍ଥିତ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟର ମୌଳିକ ସମସ୍ୟା ଦୂର ଦାବିରେ ସୋମବାର ବିଦ୍ୟାର୍ଥୀମାନେ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ସମସ୍ୟା ପୂରଣ ଦିଗରେ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯିବା ପ୍ରତିଶୃତି ମିଳିବା ପରେ ବିଦ୍ୟାର୍ଥୀମାନେ ଧାରଣାରୁ ଓହରି ଯାଇଥିଲେ।

ଏହି ମହାବିଦ୍ୟାଳୟ ମୌଳିକ ସମସ୍ୟାରେ ଛନ୍ଦି ହୋଇଯାଇଛି। ବିଦ୍ୟାର୍ଥୀମାନଙ୍କର ସର୍ବନିମ୍ନ ସମସ୍ୟା ଦୂର ହୋଇପାରୁନାହିଁ। ଛାତ୍ରୀମାନଙ୍କ ଲାଗି ଉନ୍ନତ ଶୌଚାଳୟ ନାହିଁ। ଖେଳ ପଡିଆ ନ ଥିବାରୁ ବାର୍ଷିକ କ୍ରୀଡା ଉତ୍ସବ ପାଳନ କରିବା ସକାଶେ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଉପରେ ନିର୍ଭର କରିବାକୁ ପଡୁଛି। କଲେଜ ନାମରେ ପର୍ଯ୍ୟାପ୍ତ ଜମି ରହିଛି। ଉକ୍ତ ଜମି ଜବରଦଖଲ ମୁକ୍ତ ହୋଇ ପାରୁ ନ ଥିବାରୁ ଖେଳ ପଡିଆ ନିର୍ମାଣ ହୋଇପାରୁନାହିଁ। ବିଦ୍ୟାର୍ଥୀମାନଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ କି ହଷ୍ଟେଲ ବ୍ୟବସ୍ଥା ନାହିଁ। କଲେଜରେ ବହୁ ଅଧାପିକାଅଧାପକଙ୍କ ପଦବୀ ଖାଲି ପଡିଛି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ବିଦ୍ୟାର୍ଥୀଙ୍କ ପାଇଁ ଗୋଟିଏ ଭଲ କମନରୁମ୍ ନାହିଁ। ଏଭଳି ବହୁ ମୌଳିକ ସମସ୍ୟା ଦେଇ ମହାବିଦ୍ୟାଳୟ ଗତି କରୁଛି। କଲେଜ ୟୁଜିସି ଅନୁଦାନପ୍ରାପ୍ତ ଥାଇ, ପାଣ୍ଠିରେ ୧.୨୫ କୋଟି ଟଙ୍କା ଗଚ୍ଛିତ ରହିଛି। ଉକ୍ତ ଅର୍ଥକୁ ବ୍ୟୟ କରିବାକୁ ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଦୁର୍ବଳ ଭିତ୍ତିଭୂମିକୁ ନେଇ ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି ବୋଲି ଦର୍ଶାଇ ବିଦ୍ୟାର୍ଥୀମାନେ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶଙ୍କୁ ଦାବିପତ୍ର ପ୍ରଦାନ କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପୂର୍ବରୁ କଲେଜର ଅଧ୍ୟକ୍ଷା ଶାରଦା କର କୋରେଇ ବିଧାୟକ ଆକାଶ ଦାସନାୟକ ଓ ବିଡିଓ ଦାଶଙ୍କ ସହ ଆଲୋଚନା କରିବା ସହ ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଅବଗତ କରାଇ ଆସୁଛନ୍ତି। ଏସବୁ ସତ୍ତ୍ୱେ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। କଲେଜର ସମସ୍ୟାଗୁଡ଼ିକୁ ତୁରନ୍ତ ସମାଧାନ କରିବା ଦିଗରେ ପ୍ରଶାସନିକ ଓ ରାଜନୈତିକସ୍ତରରେ ପଦକ୍ଷେପ ଗ୍ରହଣ କରା ନ ଗଲେ ବିଦ୍ୟାର୍ଥୀମାନେ ଆଗାମୀଦିନରେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବା ସହ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି।



ରସୁଲପୁର ବ୍ଲକ ସମ୍ମୁଖରେ କଲେଜର ଛାତ୍ରୀଛାତ୍ରମାନେ ଧାରଣା ଦେଇଛନ୍ତି।

# ମହୋତ୍ସବ କଳା, ସଂସ୍କୃତି, ପ୍ରତିଭା ବିକାଶର ବଳିଷ୍ଠ ମାଧ୍ୟମ




ମହୋତ୍ସବ ଉଦ୍ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## କୁଆଖିଆ ମହୋତ୍ସବ ଉଦ୍ଯାପିତ

**ରସୁଲପୁର, ୫।୧ (ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବାଜରର ୭୧ତମ ପାରମ୍ପାରିକ ଲକ୍ଷ୍ମୀନାରାୟଣ ପୂଜା ଉତ୍ସବ ଓ ସାରଙ୍ଗପୁର ମେଲଣ ପଡିଆରେ ଆୟୋଜିତ ୧୮ତମ କୁଆଖିଆ ମହୋତ୍ସବ ସୋମବାର ଉଦ୍ଯାପତି ହୋଇଯାଇଛି। କୁଆଖିଆ ମହୋତ୍ସବର ଶେଷ ସନ୍ଧ୍ୟାରେ ମଞ୍ଚରେ ଆୟୋଜିତ ସମାରୋହରେ ମହୋତ୍ସବ କମିଟିର ସ୍ଥାୟୀ ସଭାପତି ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ, ମୁଖ୍ୟବକ୍ତା ଭାବେ ଭାଜପା ଯାଜପୁର ଜିଲା ପୂର୍ବତନ ସଭାପତି ଗୌତମ ରାୟ, ସମ୍ମାନିତ ଅତିଥି ଭାବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁର ଜିଲା ଭାଜପା ସଭାପତି ଦେବଯାନୀ ପ୍ରଧାନ, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଜିଲାପରିଷଦ ସଦସ୍ୟ ଶିଶିର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ପାରମ୍ପାରିକ କଳା, ସଂସ୍କୃତି ଓ ଗ୍ରାମାଞ୍ଚଳର ପ୍ରତିଭାମାନଙ୍କ ବିକାଶ ଦିଗରେ କୁଆଖିଆ ମହୋତ୍ସବ ମଞ୍ଚ ବଳିଷ୍ଠ ମାଧ୍ୟମ ସାଜିଛି। ଗ୍ରାମାଞ୍ଚଳର କଳାପ୍ରେମୀ ଦର୍ଶକମାନଙ୍କୁ ଫୁରସତ ଅବସରରେ ପୂଜା ମଣ୍ଡପ ଓ ମହୋତ୍ସବ ମଞ୍ଚ ଜରିଆରେ ଭିନ୍ନ ସ୍ୱାଦର ସାଂସ୍କୃତିକ ଓ ପାରମ୍ପାରିକ କାଳାକୃତୀକୁ ଉପଭୋଗ କରାଇ ଆସୁଥିଲା। ଉତ୍ସବରେ ମହୋତ୍ସବ କମିଟିର ମହାସଚିବ ଅରୁଣ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ମହୋତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲା ଲେଖକ ସମ୍ମେଳନର ସଭାପତି ରୁଦ୍ରନାରାୟଣ ପୃଷ୍ଟି ସ୍ୱାଗତ ଭାଷଣ ଓ ଖବରଦାତା କାଳନ୍ଦି କଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟିର ସମ୍ପାଦକ ସନ୍ତୋଷ ରାଉତ ବାର୍ଷିକ ବିବରଣୀ ପାଠ କରି ମହୋତ୍ସବ ସମ୍ପର୍କିତ ତଥ୍ୟ ଓ ଆସନ୍ତା ବର୍ଷ ମହୋତ୍ସବକୁ ନେଇ କମିଟି ରଖିଥିବା ଲକ୍ଷ୍ୟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ କମିଟି ପକ୍ଷରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ, ଯୋଗ, ସାହିତ୍ୟ, କଳା ଆଦି କ୍ଷେତ୍ରରେ ଆୟୋଜିତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। କବୟତ୍ରୀ ଦିପ୍ତିମୟୀ ମହାପାତ୍ରଙ୍କ ସ୍ୱରଚିତ କବିତା ପୁସ୍ତକ 'କସ୍ତୁରୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସାଂସ୍କୃତିକ ସମ୍ପାଦକ ଉମେଶ ନାୟକ ଧନ୍ୟବାଦ ଦେଇଥିଲେ। ମହୋତ୍ସବ କମିଟିର କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଦିତ୍ୟ



@ ବାବୁ



@ ଆଝାର



@ ରଶ୍ମିତା



@ ଶିତୁନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖଣ୍ଡା ଧରି ପୋଲିସ ଗାଡ଼ିକୁ ଟେକାମାଡ଼

■ କୃଷ୍ଣାନନ୍ଦପୁର ଥାନା ଅଞ୍ଚଳରେ ବେଆଇନ ବାଲି ଚାଲାଣ
■ ଅଭିଯୁକ୍ତଙ୍କୁ ଗିରଫ ଚିନ୍ତାରେ ପୋଲିସ

ଜଗତ୍‌ସିଂହପୁର, ୫ା୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ବାଲି ଚୋରିକୁ ରୋକିବା ପାଇଁ ଜିଲା ପୋଲିସ ଓ ପ୍ରଶାସନ ସଫଳ ହୋଇପାରୁନାହିଁ। ଏହାର ଦୃଷ୍ଟାନ୍ତ ନୂଆବର୍ଷରେ ଦେଖିବାକୁ ମିଳିଛି। କୃଷ୍ଣାନନ୍ଦପୁର ଥାନା ଜେନା ସାହିସ୍ଥିତ ମହାନଦୀରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନ ଚାଲିଥିବାବେଳେ ଅଭାବନୀୟ ଘଟଣା ଘଟିଥିଲା। ପୋଲିସ ଟିମ୍ ଅତର୍କିତ ଚଢ଼ାଉ କରି ୩ ଟ୍ରାକ୍ଟର ଜବତ କରିଥିଲେ। କିନ୍ତୁ ନଦୀ ପଠାରୁ ସରକାରୀ ଗାଡି ପାଖକୁ ଆସିଲାବେଳକୁ ଅଭିଯୁକ୍ତମାନେ ଗାଳିଗୁଲଜ କରିବା ସହ ହାତରେ ଖଣ୍ଡା ଧରି ପୋଲିସ ଗାଡି ଉପରକୁ ଟେକା ଫିଙ୍ଗିଥିଲେ। ଏ ପରିସ୍ଥିତିରେ ପୋଲିସ କର୍ମଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏନେଇ କୃଷ୍ଣାନନ୍ଦପୁର ଥାନା ପୋଲିସ ୨ଟି ପୃଥକ୍ ମାମଲା (ସଂଖ୍ୟା ୧/୨୬ ଓ ୨/୨୬) ରୁଜୁ କରିବା ସହ ଟ୍ରାକ୍ଟର ଚାଳକ ତଥା କୃଷ୍ଣାନନ୍ଦପୁର ମେଡିକାଲର ହମଦ ମହମ୍ମଦ (୧୮)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅନ୍ୟ ୫ ଅଭିଯୁକ୍ତ ଯଥା ଟ୍ରାକ୍ଟର ମାଲିକ ପ୍ରିୟାରୁନ ବିବି, ସେକ୍ ଜହୁର ମହମ୍ମଦ, ନବାମହଲାର ଟୁନା, ମନୁମହଲାର ସେକ ବାର୍କତ ଅଲ୍ଲୀ ଓ ମିରମହଲାର ଯୋଗିଆ ଖଟୁଆ ଫେରାର ଅଛନ୍ତି। ପୋଲିସ ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୂରା ଦମ୍ ଲଗାଇ ଦେଇଥିଲେ ସୁଦ୍ଧା ଖବର ଲେଖାହେବା ପର୍ଯ୍ୟନ୍ତ ସଫଳ ହୋଇପାରିନାହିଁ।

କୃଷ୍ଣାନନ୍ଦପୁର ଥାନା ଏଏସ୍ଆଇ ରେଣୁବାଳା ମହାପାତ୍ର କରିଥିବା ଅଭିଯୋଗ ଅନୁଯାୟୀ, ଗତ ୧ ତାରିଖରେ ଏହି ଥାନା କର୍ମଚାରୀ ଏସ.କେ. ଜେନା, ଏସ୍‌ସି. ବିଶ୍ୱାଳ ଏବଂ ଟି. ନାୟକ ସରକାରୀ ସ୍କର୍ପିଓ (ସଂଖ୍ୟା ଓଡି ୦୫ ବିଜେଡ୍ ୩୭୧୮)ରେ ରାତ୍ର ପାଟ୍ରୋଲିଂ କରୁଥିଲେ। ତିର୍ତ୍ତୋଲ ଥାନା ଅନନ୍ତପୁର ଗ୍ରାମର ଦେବେନ୍ଦ୍ର କୁମାର ମଲ୍ଲିକ (୩୫) ଗାଡି ଚଳାଉଥିଲେ। ରାତି ପ୍ରାୟ ୧୨ଟା ୩୦ରେ ବିଶ୍ୱସ୍ତସୂତ୍ରରୁ ଖବର ପାଇଥିଲେ ଯେ, କେତେଜଣ ଅଜଣା ବ୍ୟକ୍ତି ଜେନାସାହିସ୍ଥିତ ମହାନଦୀ ଗର୍ଭରୁ ବେଆଇନ ଭାବେ ବାଲି ପରିବହନ କରୁଛନ୍ତି। ଏହି ସୂଚନା ଆଧାରରେ ସେମାନେ କ୍ଷେତ୍ରମୁହାଁ ହୋଇଥିଲେ। ସେଠାରେ ପହଞ୍ଚିଲାପରେ ଟ୍ରଲି ଥିବା ୩ଟି ଟ୍ରାକ୍ଟର ବେଆଇନ ଭାବେ ବାଲି ବୋଝେଇରେ ବ୍ୟସ୍ତ ଥିବା ଦେଖିଥିଲେ। ପୋଲିସ ଦଳ ଏହି ଗାଡିକୁ ପିଛା କରି ଚାଳକ ହମଦଙ୍କୁ ଧରିବାକୁ ସକ୍ଷମ ହୋଇଥିଲା। କିନ୍ତୁ ଅନ୍ୟ ୨ ଚାଳକ ଖସି ଯାଇଥିଲେ। ତେବେ ହମଦଙ୍କୁ ପଚରାଉଚରା ପରେ ସେ ଅନେକ ସୂଚନା ଦେଇଛନ୍ତି। ସେ ଚଳାଉଥିବା ଟ୍ରାକ୍ଟର (ନଂ.ଓଡି ୨୯ ବି ୪୮୨୯ ଓ ଟ୍ରଲି ନଂ.ଓଡି ୨୯ବି ୪୮୩୦) ମାଲିକ ପ୍ରିୟାରୁନ ବିବି ବୋଲି କହିଛନ୍ତି। ଏଥିସହ (ଓଡି ୨୧ ବି ୪୭୩୬, ଟ୍ରଲି ନଂ.ଓଡି ୨୧ଏ ୬୩୨୪)ବିଶିଷ୍ଟ ଟ୍ରାକ୍ଟରର ଚାଳକ ଏହି ଥାନା ମୀରମହଲାର ଯୋଗିଆ ଓ ଏହାର ମାଲିକ ସେକ୍ ଜହୁର ମହମ୍ମଦ ବୋଲି କହିଥିଲେ। ହମଦ ସ୍ୱୀକାର କରିଥିଲେ ଯେ, ୧ ତାରିଖରେ ସେ ଅନ୍ୟମାନଙ୍କ ସହ ବେଆଇନ ଭାବେ ବାଲି ପରିବହନ ଓ ଖନନରେ ସମ୍ପୃକ୍ତ ଥିଲେ। ଗାଡି ମାଲିକ ତାଙ୍କ ଘର କାମ ପାଇଁ ତାଙ୍କୁ ପଠାଇଥିବାରୁ ସେ ଏଭଳି କରିଥିଲେ। ଅନ୍ୟ ୨ ଟ୍ରାକ୍ଟର ଚାଳକ ମୀରମହଲା ମସ୍‌ଜିଦ୍ ନିର୍ମାଣ ପାଇଁ ସଭାପତି ସେକ୍ ଲାଲ ମହମ୍ମଦଙ୍କ କଥାରେ ବାଲି ପରିବହନରେ ବାହାରିଥିବା ସ୍ୱୀକାର କରିଛନ୍ତି। କିନ୍ତୁ ଯାଞ୍ଚ ବେଳେ ସେମାନଙ୍କ ପାଖରେ ଗାଡିଗୁଡିକର କୌଣସି କାଗଜାତ ନ ଥିବାରୁ ସେଠାରେ ଥିବା ୨ ଜଣ ନିରପେକ୍ଷ ସାକ୍ଷୀଙ୍କ ଉପସ୍ଥିତିରେ ଏହି ଟ୍ରାକ୍ଟରଗୁଡିକୁ ପୋଲିସ ଜବତ କରିଥିଲା। ଏହାପରେ କିଛି ଦୂରରେ ଖରାପ ରାସ୍ତା କାରଣରୁ ରଖିଥିବା ସରକାରୀ ଗାଡି ନିକଟକୁ ଗଲାବେଳକୁ ୪ ଜଣ ଅଭିଯୁକ୍ତ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ ଉଦ୍ୟମ କରିଥିଲେ। ସେମାନେ ହେଲେ ମନୁମହଲାର ସେକ୍ ଅଜମାନ, ଫକିଲ ଓରଫ ହବିବୁଲ୍ଲା, ସିକନ୍ଦର ବାସା ଓରଫ ରାଜା ଓ ବିଷନପୁରର ଗୋରା। ଅଭିଯୁକ୍ତ ଆଇନ ଉଲ୍ଲଂଘନ କରି ପ୍ରଥମେ ରାସ୍ତା ଅବରୋଧ କରିଥିଲେ। ସେକ୍ ଅଜମାନ ହାତରେ ଏକ ଖଣ୍ଡା ଧରିଥିଲେ। ପ୍ରତ୍ୟେକ ଅଭିଯୁକ୍ତ ପୋଲିସକୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେବାକୁ ପଛାଇ ନ ଥିଲେ। ଏହା ଭିତରେ ସେକ୍ ଅଜମାନ ଏକ ପଥର ଫୋପାଡ଼ିବାରୁ ଏହା ପୋଲିସ ଗାଡ଼ିରେ ବାଜିଥିଲା। ଫଳରେ ପୋଲିସ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ଅନ୍ଧାର ଓ ହଠାତ୍ ଆକ୍ରମଣ ଯୋଗୁ ପୋଲିସ କର୍ମଚାରୀମାନେ କୌଣସିମତେ ସେଠାରୁ ଜୀବନ ବଞ୍ଚାଇ ଚାଲି ଆସିଥିଲେ ବୋଲି ଏଏସ୍ଆଇ ରେଣୁବାଳା ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।


ଜବତ ହୋଇଥିବା ୩ ଟ୍ରାକ୍ଟର।

## ବିଦ୍ୟୁତ୍ ଖୁଣ୍ଟକୁ ପିଟିଲା ବାଇକ୍ : ଜଣେ ଗୁରୁତର

ନାଉଗାଁ, ୫ା୧ (ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ଦହିପାଳ ଗ୍ରାମରୁ ବାଇକ ଯୋଗେ ନାଉଗାଁ ଯାଉଥିବା ସମୟରେ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଛି। ଏଥିରେ ଜଣେ ଗୁରୁତର ଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ଗୁରୁତର ଜଣକ ହେଲେ ଉକ୍ତ ଗ୍ରାମର ମଙ୍ଗୁଳି ଶାସମଲ (୮୨)। ଆହତ ଦ୍ୱୟ ହେଲେ ଝିଅ ତୃପ୍ତିରାଣୀ ସାହୁ ଓ ନାତି ଆୟୁଷ୍ମାନ ସାହୁ। ଜେଜେ ଓ ମା'କୁ ବସାଇ ଆୟୁଷ୍ମାନ ନାଉଗାଁ ଅଭିମୁଖେ ଆସୁଥିଲେ। ନାଉଗାଁ – ଡାବର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଗୋଠଦା ନିକଟରେ ଅସାବଧାନତାବଶତଃ ଏକ ବିଦ୍ୟୁତ ଖୁଣ୍ଟରେ ଗାଡ଼ିଟି ପିଟି ହୋଇଯାଇଥିଲା। ଫଳରେ ସମସ୍ତେ ଗାଡ଼ିରୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ସେମାନଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇ ଚିକିତ୍ସା କରାଯାଇଥିଲା। ସେଠାରେ ମଙ୍ଗୁଳିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ଏବଂ ମା', ପୁଅଙ୍କୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସିଦ୍ଧଳ ବଳଦେବଜୀଉଙ୍କ ମନ୍ଦିରରେ ରାଜାଭିଷେକ ଉତ୍ସବ


ବଳଦେବଜୀଉଙ୍କ ପୀଠରେ ଠାକୁର ରାଜା ଭାବେ ଜିଲାପାଳ ଜେ. ସୋନାଲଙ୍କୁ ରାଜାଭିଷେକ କରାଯାଉଛି।

ଜଗତ୍‌ସିଂହପୁର, ୫ା୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସିଦ୍ଧଳସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପୀଠରେ ପ୍ରତିବର୍ଷ ପରି ଚଳିତବର୍ଷ ରାଜାଭିଷେକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଠାକୁର ରାଜା ଭାବେ ଜିଲାପାଳ ଜେ. ସୋନାଲ ଯୋଗ ଦେଇଥିଲେ। ଜିଲାପାଳ ବଡ ଦାଣ୍ଡରେ ପହଞ୍ଚିଲା ପରେ ତାଙ୍କୁ ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ବଡ଼ ମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ସେଠାରେ ଜିଲାପାଳ ସମସ୍ତ ଦେବଦେବୀଙ୍କ ଦର୍ଶନ ସହ ମନ୍ଦିର ପରିକ୍ରମା କରିଥିଲେ। ଏହାପରେ ମନ୍ଦିର ପୁରୋହିତ ସୁରେନ୍ଦ୍ର ନାଥ ଦାଶ ଶର୍ମାଙ୍କ ଦ୍ୱାରା ଅଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ତଥା ଉପ ଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲାପାଳ ଜେ. ସୋନାଲ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ପ୍ରତିଚୀ ତନୟା ମହାନ୍ତି, ଜଗତ୍‌ସିଂହପୁର ତହସିଲଦାର ଅଜୟ ମହାନ୍ତି, ଜଗତସିଂହପୁର ଥାନା ଅଧିକାରୀ ସରୋଜକାନ୍ତ ସାମଲ ଓ ଅନ୍ୟ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିର ପରିଚାଳନା ସମିତି ସଦସ୍ୟ ପ୍ରିୟନାଥ ରାୟ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଠାକୁର ରାଜା ଅର୍ଥାତ୍ ଜିଲାପାଳଙ୍କ ରାଜ ଦରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ଜନସାଧାରଣ ସେମାନଙ୍କ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିଥିଲେ। ତେବେ ସମସ୍ତ ଅଭିଯୋଗ ପ୍ରତି ଗୁରୁତ୍ୱ ଦିଆଯାଇ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ମନ୍ଦିର ବଡ଼ପଣ୍ଡା ଅରୁଣ କୁମାର ପଣ୍ଡା, ଅନନ୍ତ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଶୋକ କୁମାର ପଣ୍ଡା, ସରପଞ୍ଚ ସିଦ୍ଧାର୍ଥ ଶଙ୍କର ରାୟ, ସମିତି ସଭ୍ୟା ମୌସୁମୀ ବାରିକ, ମୁଦୁପୁର ମହିଳା ମହାସଂଘ ସଭାପତି ରିତା ଆଚାର୍ଯ୍ୟ, ସିଦ୍ଧଳ ଗ୍ରାମ୍ୟ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସମେତ ମହିଳା ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶେଷରେ ଲକ୍ଷ୍ମୀ ନାରାୟଣ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଏ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ମନ୍ଦିର ପରିଚାଳନା ଟ୍ରଷ୍ଟ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡ଼ା, ସଦସ୍ୟ ରାମଚନ୍ଦ୍ର ଦାଶ ଓ ଚିତ୍ତରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ୪ କୃତୀ ଛାତ୍ରୀଛାତ୍ରଙ୍କୁ ମେଧା ବୃତ୍ତି

ପାରାଦୀପ, ୫ା୧ (ଶରତ ରାଉତ)

ବିଶିଷ୍ଟ ଶିକ୍ଷାବିତ ଓ ଲେଖକ ଡ.ସତ୍ୟାନନ୍ଦ ପଣ୍ଡାଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡ. ସତ୍ୟାନନ୍ଦ ପଣ୍ଡା ସ୍ମୃତି ଟ୍ରଷ୍ଟ ତରଫରୁ ୪ କୃତୀ ଛାତ୍ରୀଛାତ୍ରଙ୍କୁ ସୋମବାର ମେଧାବୃତ୍ତି ପ୍ରଦାନ କରାଯାଇଛି। କୁଜଙ୍ଗ ବ୍ଲକ ଅନ୍ତର୍ଗତ ଝିମାଣୀ ଗାଁରେ ସତ୍ୟାନନ୍ଦ ପ୍ରତିଷ୍ଠା କରିଥିବା ଜନତା ନୋଡାଲ ହାଇସ୍କୁଲରେ ଆୟୋଜିତ ସ୍ମୃତି ସଭାରେ ଏହି ବୃତ୍ତି ପ୍ରଦାନ କରାଯାଇଥିଲା। ୨୦୨୫ରେ ଜନତା ନୋଡାଲ ହାଇସ୍କୁଲରେ ମାଟ୍ରିକ ପରୀକ୍ଷାରେ ଛାତ୍ରୀଙ୍କ ମଧ୍ୟରେ ଶୀର୍ଷସ୍ଥାନ ଅଧିକାର କରିଥିବା ପାୟଲ ରାଉତ ଓ ଛାତ୍ରଙ୍କ ମଧ୍ୟରେ ପ୍ରଥମ ହୋଇଥିବା କାହ୍ନୁ ମାଝୀଙ୍କୁ ବୃତ୍ତି ପ୍ରଦାନ କରାଯାଇଛି।

ସେହିପରି ନାରାୟଣ ବୀରବର ସାମନ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବାଣିଜ୍ୟର ଟପ୍ପର ସଙ୍ଗୀତା ସାମଲ ଓ କଳା ଟପ୍ପର ସୀମା ମାଝୀଙ୍କୁ ସମ୍ମାନିତ କରାଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷକ ଜାନକୀ ବଲ୍ଲଭ ମହାନ୍ତି, ସ୍ମୃତି ଟ୍ରଷ୍ଟ ସଦସ୍ୟ ସ୍ନେହ ନନ୍ଦ, ନିମାଁଇ ଚରଣ ଚୌଧୁରୀ ; ପ୍ରକାଶ ପଣ୍ଡା, ରଞ୍ଜନ ପଣ୍ଡା ପ୍ରମୁଖ ଏହି ୪ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଚେକ୍ ପ୍ରଦାନ କରିଥିଲେ।


ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରୁଛନ୍ତି।

## ନିଜେ ସଂସ୍କାରିତ ହୋଇ ସଂସ୍କୃତିକୁ ବଜାୟ ରଖ

ମାର୍ଶାଘାଇ, ୫ା୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଖାଲି ପିଲାମାନଙ୍କୁ ପାଠ ପଢ଼ାଯାଉନାହିଁ। ଏଠାରେ ସେମାନଙ୍କୁ ସଂସ୍କୃତି, ପରମ୍ପରା, ନୈତିକତା ଓ ଆଧ୍ୟାତ୍ମିକତା ଉପରେ ଶିକ୍ଷା ପ୍ରଦାନ କରାଯାଏ। ପିଲାମାନଙ୍କ ଭବିଷ୍ୟତ ଗଠନରେ ଗୁରୁମାଗୁରୁଜୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ପିଲାମାନେ ନିଜେ ସଂସ୍କାରିତ ହୋଇ ସଂସ୍କୃତିକୁ ବଜାୟ ରଖିବା ସେମାନଙ୍କର କର୍ତ୍ତବ୍ୟ ହେବା ଉଚିତ ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି। ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୮ତମ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ଛାତ୍ରୀଛାତ୍ରମାନେ ମନ ଦେଇ ପାଠ ପଢ଼ି ଜୀବନରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ କଟକ ବିଭାଗ ସଂଘ ଚାଳକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଗୌତମ ମହାରଣା, ସମ୍ମାନିତ ଅତିଥି ଭାବେ ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଡା ଓ ବିଡିଓ ପଞ୍ଚାନନ ମଲ୍ଲିକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଶିଶୁମନ୍ଦିର ସମ୍ପାଦକ ନିଗମ ରଥ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବଟିରା ସମିତି ସଭ୍ୟା ସୁନତୀ ଦାସ ଲଟେରିରେ ନାଁ ଉଠିଥିବା ଜଣେ ଛାତ୍ରଙ୍କ ବାର୍ଷିକ ପାଠ ପଢ଼ା ଖର୍ଚ୍ଚ ବହନ କରିବାକୁ ଘୋଷଣା କରିଥିଲେ। ପରିଚାଳନା ସମିତିର ସଭାପତି ଚନ୍ଦ୍ରମଣି ସାହୁ ସଭା ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରମାକାନ୍ତ ବେଉରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହ ପ୍ରଧାନ ଆଚାର୍ଯ୍ୟ ଅନାଦି ଚରଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁରୁଜୀ ଉମେଶ ପାତ୍ର, ଗୁରୁମା ଜ୍ୟୋତିର୍ମୟୀ ଦାସ, ପୁଷ୍ପଲତା ରଥ, ରୀତାଞ୍ଜଳୀ ସ୍ୱାଇଁ, ସ୍ୱର୍ଣ୍ଣଲତା ସ୍ୱାଇଁ, ଜୟନ୍ତୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ସରକାରୀ ଜମି ନ ଥିବାରୁ ହେଉନି ରାସ୍ତା

### ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଲୋକେ

ନାଉଗାଁ, ୫ା୧ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତସ୍ଥିତ ନନ୍ଦିଗ୍ରାମର ପଡ଼ା ଗ୍ରାମରେ ୧୨୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଉକ୍ତ ପଡାକୁ ଯାତାୟାତ କରିବା ପାଇଁ ଭଲ ରାସ୍ତା ନାହିଁ। ଏପରିକି ପଡ଼ାକୁ ରାସ୍ତା ପାଇଁ ସରକାରଙ୍କ ତରଫରୁ ୨୦ ଲକ୍ଷ ଅନୁଦାନ ଆସିଥିଲେ ମଧ୍ୟ ତାହା ଫେରି ଯାଇଥିବା ପଡ଼ାବାସୀ ସୂଚନା ଦେଇଛନ୍ତି। ସରକାରୀ ନିୟମାନୁସାରେ ରାସ୍ତା ନିର୍ମାଣ ପାଇଁ ସରକାରୀ କିମ୍ବା ଗୋଚର ଜମି ଆବଶ୍ୟକ। ଉକ୍ତ ପଡାକୁ ରାସ୍ତା ନେବା ପାଇଁ କୌଣସି ସରକାରୀ ଜମି ନ ଥିବାରୁ ରାସ୍ତା କାର୍ଯ୍ୟ ହୋଇ ପାରୁନାହିଁ। ଉକ୍ତ ପଡାରେ ବସବାସ କରୁଥିବା ପରିବାରମାନେ ନିଜସ୍ୱ ଉଦ୍ୟମରେ କିଛି କିଛି ଜମି ଦେଇ ଏକ ମାଟି ରାସ୍ତା ନିର୍ମାଣ କରିଥିଲେ। ଉକ୍ତ ମାଟି ରାସ୍ତା ଦୀର୍ଘଦିନ ତଳେ ନିର୍ମାଣ ହୋଇଥିବା ବେଳେ ପ୍ରତି ବର୍ଷ ବର୍ଷାରେ ତାହା ଧୋଇ ନଷ୍ଟ ହୋଇଗଲାଣି। ଏପରିକି ବର୍ଷାଦିନେ ପିଲାମାନେ ଉକ୍ତ ବାଟ ଦେଇ ବିଦ୍ୟାଳୟକୁ ଯାତାୟାତ ମଧ୍ୟ କରିପାରୁନାହାନ୍ତି। ରାସ୍ତା ନ ଥିବାରୁ ପଡାଗ୍ରାମରେ କାହାର ଦେହ ଖରାପ ହେଲେ କିମ୍ବା ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ, ଦମକଳ ଗାଡ଼ି କିମ୍ବା ସାଧାରଣ ଗାଡି ସେଠାରେ ପହଞ୍ଚି ପାରୁନାହିଁ। ଏଭଳିସ୍ଥିତିରେ କାହାର ଦେହ ଖରାପ ହେଲେ ପଡ଼ାବାସୀ ତାଙ୍କୁ ଖଟିଆରେ ବୋହି ଆଣିବାକୁ ବାଧ ହେଉଛନ୍ତି। ଭୋଜି ଭାତ କିମ୍ବା କୌଣସି ମାଙ୍ଗଳିକ କାର୍ଯ୍ୟରେ ମଧ୍ୟ ପଡାଗ୍ରାମକୁ କେହି ଯାଇ ପାରୁନାହାନ୍ତି। ପଡାବାସୀ ୧୨ ଫୁଟର ରାସ୍ତା ନିର୍ମାଣ ପାଇଁ ଏକ ବଣ୍ଡରେ ଜାଗା ଛାଡ଼ିବା ପାଇଁ ଏଗ୍ରିମେଣ୍ଟ କରିବା ସହ ଉକ୍ତ ଜାଗାରେ ସରକାର ରାସ୍ତା ନିର୍ମାଣ କରି ରାସ୍ତାକୁ ସରକାରୀ ରାସ୍ତାରେ ନାମିତ କରିବାକୁ ବଣ୍ଡରେ ଉଲ୍ଲେଖ ମଧ୍ୟ କରିଛନ୍ତି। ଏହା ସତ୍ତ୍ୱେ ରାସ୍ତା ନିର୍ମାଣ ହୋଇପାରୁନାହିଁ। ରାସ୍ତା ନିର୍ମାଣ ପାଇଁ ପଡାବାସୀ ସରପଞ୍ଚ,ବିଡିଓଙ୍କ ସମେତ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯେଗ କରିଛନ୍ତି ବୋଲି ଉକ୍ତ ଗ୍ରାମର ପ୍ରଭାସିନୀ ବିଶ୍ୱାଳ, ପ୍ରଭାତୀ ବିଶ୍ୱାଳ, ରଞ୍ଜୁଲତା ବିଶ୍ୱାଳ, ଗୀତାଞ୍ଜଳି ପରିଡା, ନନ୍ଦିନୀ ବିଶ୍ୱାଳ ଓ ରାଜେଶ କୁମାର ପରିଡା ପ୍ରମୁଖ କହିଛନ୍ତି। ଏ ବିଷୟରେ ସ୍ଥାନୀୟ ସରପଞ୍ଚ ଶୁଭ୍ରସ୍ମୃତି ପରିଡାଙ୍କୁ ପଚାରିବାରେ– ଆକ୍ସନ ପ୍ଲାନରେ କାର୍ଯ୍ୟ ଦିଆଯାଇ ରାସ୍ତା କରାଯିବ ବୋଲି କହିଛନ୍ତି।



ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆଦିତ୍ୟ


@ ବାବୁ


@ ଆଝାର


@ ରଶ୍ମିତା


@ ଶିତୁନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରାଷ୍ଟ୍ର ବିକାଶରେ ଯୁବଶକ୍ତିର ଭୂମିକା ଅନସ୍ୱୀକାର୍ଯ୍ୟ

### ତାଲୁକ୍ ଆଇନ ସେବା ସମିତିର ଆଇନ ସଚେତନତା ଶିବିର



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଚାରପତି ।

ପଟ୍ଟାମୁଣ୍ଡାଇ ୫ା୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ତାଲୁକ୍ ଆଇନ ସେବା ସମିତି ପକ୍ଷରୁ ସୋମବାର କୋର୍ଟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ତାଲୁକ୍ ଆଇନ ସେବାସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ବିଦ୍ୟାଧର ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଯୁବ ସମାଜ ହେଉଛି ରାଷ୍ଟ୍ରର ମେରୁଦଣ୍ଡ। ରାଷ୍ଟ୍ରର ବିକାଶରେ ସେମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ରାଷ୍ଟ୍ରର ପ୍ରତ୍ୟେକ କ୍ଷେତ୍ରରେ ଯୁବଶକ୍ତିର ଆବଶ୍ୟକତା ଉପଲବ୍ଧି କରାଯାଏ। କିନ୍ତୁ ଯୁବପିଢି ବିପଥଗାମୀ ହେଲେ ବିକାଶରେ ବାଧକ ହୋଇଥାଏ । ଯୁବଗୋଷ୍ଠୀ ବିପଥଗାମୀ ହେବା ପାଇଁ ଅନେକ ରାସ୍ତା ମଧ୍ୟରୁ ନିଶା ସେବନ ଏକ ମୁଖ୍ୟ ମାରାତ୍ମକ ରାସ୍ତା ବୋଲି କହିଥିଲେ। ଏଥିରେ ସିନିଅର ସିଭିଲ ବିଚାରପତି ଅପୂର୍ବା ଚୌଧୁରୀ ଯୋଗଦେଇ, ବର୍ତ୍ତମାନ ସମୟରେ ନିଶା କବଳରୁ ଯୁବ ସମାଜ ଦୂରେଇ ଯିବାପାଇଁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ବାର ଆସୋସିଏଶନ ଉପ ସଭାପତି ସୁରେଶ ନରେନ୍ଦ୍ର, ରାଷ୍ଟ୍ରୀୟ ଯୁବ ଦିବସ ଉପରେ ଗୁରୁତ୍ୱାରୋପ କରିଥିଲେ । ସରକାରୀ ଓକିଲ ଧୀରେନ୍ଦ୍ର ନାଥ ସାହୁ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ରିଟେନର ଗୀତାଳି ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ମହିଳାବିଦ୍ୟାଳୟ ବହୁ ଛାତ୍ରୀ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅପର୍ଣ୍ଣା ସାମଲ, ମୋହନ ଦାଶ, ଅରବିନ୍ଦ ପଣ୍ଡା,ବିଭୂତି ବେହେରା, ଅମରେନ୍ଦ୍ର ରାଉତ, ବବିତା ଜେନା ଓ କବିତା ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ରଣପୁର ମହୋତ୍ସବ 'ଅର୍ଜୁନ' ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ, ପୁରୀ ଏମ୍‌ପି ସମ୍ବିତ ପାତ୍ର ଓ ଅନ୍ୟ ଅତିଥିମାନେ।

ରଣପୁର,୫ା୧ (ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁରରେ ଶହୀଦମାନଙ୍କୁ ମନେ ପକାଇବା ପାଇଁ ବାଘସାମନ୍ତ ପଡିଆରେ ରଣପୁର ମହୋତ୍ସବ 'ଅର୍ଜୁନ'ପାଳିତ ହୋଇଆସୁଛି। ରଣପୁର ବ୍ଲକ ମୟୂରଝାଲିଆ ଗ୍ରାମ ଶହୀଦ ଅର୍ଜୁନ ରାଉତଙ୍କ ଉଦ୍ଦେଶ୍ୟରେ ଏହା ସମର୍ପିତ କରାଯାଇଥିଲା। ତାଙ୍କ ନାମରେ ମହୋତ୍ସବ 'ଅର୍ଜୁନ' ଶହୀଦମାନଙ୍କ ଗ୍ରାମଘରୁ ଏକ ମଶାଲ ଶୋଭାଯାତ୍ରା ଅଣାଯାଇ ଏହି ମହୋତ୍ସବ ଆରମ୍ଭ କରାଯାଏ। ସୋମବାର ସଂଧ୍ୟାରେ ପୁରୀର ପ୍ରସିଦ୍ଧ ଫିଟ୍ ଫାଇଟର ଗ୍ରୁପ୍ ଦ୍ୱାରା ମାଲଖମ୍ବ ନୃତ୍ୟ ପରିବେଷଣ କରାଯାଇଥିଲା। ଯାହା ଦର୍ଶକମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା। ବିଶିଷ୍ଟ ସୁଗମ ସଙ୍ଗୀତ ଗାୟିକା ଇରା ମହାନ୍ତି ଓ ତାଙ୍କ ଟିମ୍ ଦ୍ୱାରା ପରିବେଷିତ ସୁମଧୁର ସଙ୍ଗୀତ ଓ ଗୀତ ଓ ନାଚ ତାଳେ ତାଳେ ଶୀତୁଆ ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି ମହୋତ୍ସବ ଅର୍ଜୁନ ୨୦୨୬।

ସ୍ଥାନୀୟ ବାଘସାମନ୍ତ ପଡିଆ ମୁକ୍ତାକାଶ ରଙ୍ଗମଞ୍ଚରେ ମହୋତ୍ସବର ପ୍ରଥମ ଦିନର ସଭାକାର୍ଯ୍ୟ ମହୋତ୍ସବ ଅଧ୍ୟକ୍ଷା ତଥା ସ୍ଥାନୀୟ ବିଧାୟିକା ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ସମ୍ବିତ ପାତ୍ର ଯୋଗଦେଇ ରଣପୁରର ସାଂସ୍କୃତିକ ପରମ୍ପରା ଓ ମହୋତ୍ସବର ଗୁରୁତ୍ୱ ସମ୍ପର୍କରେ ମତ ଦେଇଥିଲେ। ସମ୍ମାନିତ ଅତିଥି ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଜିଲା ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀ, ରଣପୁର ଏନ୍‌ଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି ଓ ଗୋପାଳପୁର ଜିଲା ପରିଷଦ ସଦସ୍ୟା ଲକ୍ଷ୍ମୀପ୍ରିୟା ତରେଇ ପ୍ରମୁଖ ଯୋଗଦେଇ ମହୋତ୍ସବର ସଫଳତା କାମନା କରିଥିଲେ। ଅଧ୍ୟାପକ ସତ୍ୟ ନାରାୟଣ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ସଙ୍ଗୀତ କଳା ବିଦ୍ୟା ନିକେତନ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସକାଳୁ ପ୍ରଭାତ ଫେରି ରାମଧୂନ୍ ସହ ବିଭିନ୍ନ କଲେଜ ଓ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଣଦୌଡ କରାଯାଇଥିଲା। ମୟୂରଝାଲିଆ ଗ୍ରାମର ଶହୀଦ ଅର୍ଜୁନ ରାଉତ ଓ ବାଦଭୂଇଁର ଶହୀଦ ରଘୁନାଥ ମହାନ୍ତି ଗଡାଣିକିଲୋ ଗ୍ରାମର ଶହୀଦ ଦିବାକର ପରିଡାଙ୍କ ସହିତ କନ୍ଧନୟାଗଡ଼ ଗ୍ରାମର ବନମାଳୀ ରାମ ଓ ମୁରଲୀଧର ଦାସଙ୍କ ଗ୍ରାମରୁ ଜ୍ୟୋତିକୁ କଲେଜ ଓ ହାଇସ୍କୁଲ ଛାତ୍ରୀଛାତ୍ରମାନେ ଆଣି ମା' ମାଣିନାଗଙ୍କ ପୀଠରେ ଏକତ୍ରିତ ହୋଇ ସେଠାରୁ ଏକ ଶୋଭାଯାତ୍ରାରେ ରଣପୁର ସହର ପରିକ୍ରମା କରିବାପରେ ଏହାକୁ ମହୋତ୍ସବ ସ୍ଥଳରେ ରଖାଯାଇଥିଲା। ରଣପୁର ଅଞ୍ଚଳର ଏହି ୫ ଶହୀଦଙ୍କ ସହିତ କଳା ସାହିତ୍ୟ ଓ ସଂସ୍କୃତିକୁ ଉଜୀବିତ କରିବା ପାଇଁ ଏହି ଉତ୍ସବ ପାଳିତ ହୋଇଆସୁଛି। ରଣପୁର ମହୋତ୍ସବ ଅର୍ଜୁନ ସ୍ଥାନୀୟ ସଂଗୀତ କଳା ନିକେତନ ଅଧ୍ୟକ୍ଷ ସତ୍ୟ ନାରାୟଣ ମହାପାତ୍ରଙ୍କ ଦ୍ୱାରା ସୁତ୍ରୀସୁଧା ସହିତ ପିଲାମାନଙ୍କ ଦ୍ୱାରା ଅକ୍ଷୟ ସଂଗୀତ ଗାନପରେ ମହୋତ୍ସବ ସଭାସ୍ଥଳରେ ଜଗନାଥଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ରଣପୁର ଲଢୁଆ ମାଟି ଏହି ମାଟିର ସନ୍ତାନମାନେ ଦେଶ ସ୍ୱାଧୀନ ପାଇଁ ବଳିଦାନ ଦେଇଥିବା ଅତିଥିମାନେ କହିଥିଲେ। ଏହି ଅଞ୍ଚଳର ବିଭିନ୍ନ ପତିଭାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆଖପାଖ ଅଞ୍ଚଳର ଲୋକେ ଉପଭୋଗ କରିଥିଲେ।

## ଆଜିଠାରୁ କୁମ୍ଭୀର ଗଣନା

ଗଣିଆ, ୫ା୧ (ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଛାମୁଣ୍ଡିଆ ବନାଞ୍ଚଳରେ ମଙ୍ଗଳବାରଠାରୁ କୁମ୍ଭୀର ଗଣନା କାର୍ଯ୍ୟ ଆରମ୍ଭ ହେବ। ଏହା ୬, ୭ ଓ ୮ ତାରିଖରେ ଚାଲିବ। ବନ ବିଭାଗ କର୍ମଚାରୀମାନେ ତିନୋଟି ଟିମ୍ ହୋଇ ଗଣନା କରିବେ। ପ୍ରତି ଟିମ୍‌ରେ ୨ ଜଣ କର୍ମଚାରୀ ଓ ୨ଜଣ ନାଉରିଆ ଦେଶୀ ଡଙ୍ଗା ସାହାଯ୍ୟରେ କୁମ୍ଭୀର ଦେଖିବା, ନଦୀ ପାଣିରେ ଭାସିବା ବେଳେ ମୁଣ୍ଡ ଓ ଲାଞ୍ଜ ଦେଖିବା ସହ ଘୋଷରା ଚିହ୍ନ ଦେଖି ଆକଳନ କରିବେ। ମହାନଦୀର ମାରଡ଼ାଠାରୁ କୁତୁରି, କୁତୁରିଠାରୁ ବଡ଼ମୂଳ ଓ ବଡ଼ମୂଳଠାରୁ ଛାମୁଣ୍ଡିଆ ପର୍ଯ୍ୟନ୍ତ ଗଣନା କାର୍ଯ୍ୟ କରିବେ। ଗଣନା ବେଳେ ମହାନଦୀର ଛାମୁଣ୍ଡିଆଠାରୁ ମାରଡା ପର୍ଯ୍ୟନ୍ତ ମୋଟର ବୋଟ୍ ଚଳାଚଳ ଓ ମାଛ ଧରିବା ପାଇଁ ବାରଣ କରାଯାଇଛି। ମହାନଦୀ ସମେତ ବନାଞ୍ଚଳ ଭିତରେ ଥିବା ବିଭିନ୍ନ ଜଳାଶୟରେ ମଧ୍ୟ ଏହି ଆକଳନ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା ସୂଚନା ଦେଇଛନ୍ତି।

## ଗଞ୍ଜେଇ ଜବତ, ୩ ମହିଳା ଗିରଫ

ବାଲିଗୁଡା,୫ା୧ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ପକ୍ଷରୁ ଧୂଙ୍ଗିଆଦେବୀ ମନ୍ଦିର ନିକଟରେ ପୋଲିସ ପାଟ୍ରୋଲିଂ ବେଳେ ଚୋରା ଗଞ୍ଜେଇ ଚାଲାଣକାରି ୩ ଜଣ ମହିଳାଙ୍କୁ ଏସ୍‌ଆଇ ଦମୟନ୍ତୀ ବେହେରା, ଏଏସ୍‌ଆଇ ବାସୁଦେବ ପଣ୍ଡା ଓ ସୁରେନ୍ଦ୍ର ରାଜହଂସ ଧରିଥିଲେ। ସେମାନଙ୍କ ନିକଟରେ ଥିବା ଅଖାକୁ ତନଖି କରି ଗଞ୍ଜେଇ ଜବତ କରିଥିଲେ।

# କାର୍ଯ୍ୟରେ ଯୋଗଦେଇ ଅଭିଯୋଗ ଶୁଣିଲେ ନୂଆ ଜିଲାପାଳ

- ଶିବିରରେ ଶୁଣିଲେ ଅଭିଯୋଗ
- ପରିଦର୍ଶନ କରିବେ ସର୍ବନିମ୍ନ ସୁବିଧା ମିଳୁ ନ ଥିବା ଗାଁ

ନୟାଗଡ଼,୫ା୧ (ଲୋକନାଥ ମିଶ୍ର)



ଜିଲାପାଳ ମଧୁମିତା ରଥ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ନୟାଗଡ଼ ଜିଲାପାଳ ଭାବେ ମଧୁମିତା ରଥ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଠାରେ ଥିବା ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ନୂଆ ଜିଲାପାଳଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କାର୍ଯ୍ୟରେ ଯୋଗ ଦେଉ ଦେଉ ଜିଲାପାଳ ରଥ ପ୍ରଥମ ଦିବସରେ ସମ୍ମିଳନୀ କକ୍ଷରେ ଜନଶୁଣାଣି ଶିବିରରେ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ସୋମବାର ୯୪ ଅଭିଯୋଗ ଆସିଥିବା ବେଳେ ୧୪ଟିର ସମାଧାନ ହୋଇଛି। ତେବେ ମୋଟ ୯୪ ଅଭିଯୋଗ ମଧ୍ୟରୁ ୮୫ ବ୍ୟକ୍ତିଗତ, ୪ ଗ୍ରାମ୍ୟ ଅଭିଯୋଗ, ୫ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କୀତ ଥିଲା। ତେବେ ସନ୍ଧ୍ୟାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ କରାଇ ଆମ ଜିଲା ଆମର ଗର୍ବ ବୋଲି କହିଥିଲେ । ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଭିତିଭୂମିର ବିକାଶ କରାଯିବ। ଜିଲାବାସୀଙ୍କ ଅଭିଯୋଗର ତ୍ୱରିତ ସମାଧାନ ହେବ। ଏତତ୍ ବ୍ୟତିତ ଜିଲାର ଉନ୍ନତି ପାଇଁ ଯାହା କରିବା ଦରକାର ସ୍ୱଛତାର ସହ ମିଳିମିଶି କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଅଭିଯୋଗ ଶୁଣାଣି ଉପରେ କହିଥିଲେ ପ୍ରଥମ ଦିବସରେ ଅଭିଯୋଗ ଶୁଣାଣିରେ ଯୋଗ ଦେବାରୁ ଜିଲାସ୍ତରୀୟ ଅଧିକାରୀଙ୍କ ସହ ମିଶି ପାରିଲି ଓ ସେମାନଙ୍କୁ ଦେଖି ପାରିଲି। ମା' ଦକ୍ଷିଣକାଳୀ, ଜଗନ୍ନାଥଙ୍କ ଆଶୀର୍ବାଦରେ ଆମେ ଆଗକୁ ଯାଇ କାମ କରିବା । ଅପରପକ୍ଷେ ଜିଲାର ଯେଉଁ ଗାଁଗୁଡିକ ବିଦ୍ୟୁତ୍, ରାସ୍ତା ପରି ସର୍ବନିମ୍ନ ସୁବିଧା ନାହିଁ, ସେହି ଗାଁଗୁଡିକୁ ନିଜେ ଯାଇ ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି କହିଛନ୍ତି । ସେହିଭଳି ପୂର୍ବତନ ଜିଲାପାଳ ନେପାଳ ଗାଁ ପାଇଁ କରିଥିବା କାର୍ଯ୍ୟର ଅଧୁରା କାମକୁ ଆଗକୁ ନେବାକୁ ଚେଷ୍ଟା କରିବେ। ପୂର୍ବତନ ଜିଲାପାଳଙ୍କ ସହ ଏନେଇ ଆଲୋଚନା ହୋଇଥିବା କହିଛନ୍ତି। ଜିଲାର ସମସ୍ୟା ଯାହା କିଛି ରହିଛି ସେନେଇ ସମୀକ୍ଷା, ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଦିତ୍ୟ



@ ବାବୁ



@ ଆଝାର



@ ରଶ୍ମିତା



@ ଶିତୁନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମା'ବ୍ରାହ୍ମଣୀଦେବୀ ବୋରଗାଁ କ୍ରିକେଟ ଟୁର୍ନାମେଣ୍ଟ: ନୟାଗଡ଼ ଚାମ୍ପିୟନ

ଭାପୁର,୫ା୧ (ପ୍ରଭାତ ବରାଡ଼)

ଭାପୁର ବ୍ଲକ୍ ବାଇଗୁଣିଆ ପଞ୍ଚାୟତ ବୋରଗାଁ ମା' ବ୍ରାହ୍ମଣୀ ଦେବୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୩୭ ତମ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ଏମ୍‌ସିସି କୋଣାର୍କନଗର ଖୋର୍ଦ୍ଧା କ୍ରିକେଟ ଟିମ୍‌କୁ ପରାସ୍ତକରି ଏନ୍.ପି. ୟୁଥ୍ କ୍ଲବ ନୟାଗଡ଼ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ସୁନାଖଳା, ବୋରଗାଁ, ନୟାଗଡ଼, ଚମ୍ପେଲ, ଖୋର୍ଦ୍ଧା, ଏମ୍‌ସିସି ବୋରଗାଁ, ଓଲାସ , ଓମ୍ ସୁପର କିଙ୍ଗ୍ ୮ ଦଳକୁ ନେଇ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ସମସ୍ତଙ୍କୁ ପଛରେ ପକାଇ ଗ୍ରାଣ୍ଡ ଫାଇନାଲରେ ଖୋର୍ଦ୍ଧା କ୍ରିକେଟ ଟିମ୍ ଓ ନୟାଗଡ଼ କ୍ରିକେଟ ଟିମ୍ ପ୍ରବେଶ କରିଥିଲେ। ଗ୍ରାଣ୍ଡ ଫାଇନାଲ ମ୍ୟାଚରେ କୋଣାର୍କ ନଗର ଖୋର୍ଦ୍ଧା ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୮ ଓଭରରେ ୯ ଉଇକେଟ ହରାଇ ମାତ୍ର ୧୦୫ ରନ କରିଥିଲା। ଜବାବରେ ନୟାଗଡ଼ ୯.୩ ଓଭରରେ ୩ ଉଇକେଟ ହରାଇ ୧୦୭ ରନ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଚାମ୍ପିୟନ କ୍ରିକେଟ ଟିମ୍‌ର ଅନିଲ କୁମାର ନାୟକ ୧୬ ବଲରେ ୩ ଚଉକା ଓ ୫ ଛକା ସହାୟତାରେ ୪୫ ରନକରି ଦଳକୁ ବିଜୟୀ କରିଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ଶିଶିର ମହାରଣା ମ୍ୟାନ୍ ଅଫ୍ ଦ ସିରିଜ୍ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଉକ୍ତ ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ଖେଳ ପରିଚାଳନା କରିଥିଲେ ବିଶ୍ୱରଞ୍ଜନ ଦଳେଇ ଓ ସନ୍ତୋଷ କୁମାର ପ୍ରଧାନ। ଧାରାବିବରଣୀ ପ୍ରଦାନ କରିଥିଲେ ଶ୍ରୀନିବାସ ଦଳେଇ ଓ ସ୍କୋର ସହାୟତା କରିଥିଲେ ଶିକ୍ଷାବିତ୍ ଗୌରାଙ୍ଗ ଚରଣ ସେଠୀ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମ୍ମାନିତ ଅତିଥି ପଠାଣି ସାମନ୍ତ ମହାବିଦ୍ୟାଳୟ ଅଧ୍ୟାପକ ସର୍ବେଶ୍ୱର ମହାରଣା, ବାଘୁଆପଲ୍ଲୀ ସରପଞ୍ଚ ନବକିଶୋର ସାହୁ, ଗ୍ରାମ ସଭାପତି ରବୀନ୍ଦ୍ର ବାରିକ, ସାମାଜିକ କର୍ମୀ ସୁବାସ ସୁବୁଦ୍ଧି ପ୍ରମୁଖ ଯୋଗଦେଇ ସମସ୍ତ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିବା ସହ ନୟାଗଡ଼ ଚାମ୍ପିୟନ କ୍ରିକେଟ ଟିମ୍‌କୁ ଚାମ୍ପିୟନ ଟ୍ରଫି, ନଗଦ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। କୋଣାର୍କନଗର ଖୋର୍ଦ୍ଧା ରନର କ୍ରିକେଟ ଟିମ୍‌କୁ ରନର ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଏହି ଖେଳକୁ ଆୟୋଜକ ମା' ବ୍ରାହ୍ମଣୀ ଦେବୀ କ୍ରିକେଟ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି।

# ସ୍କାଉଟ୍ କ୍ୟାମ୍ପରୁ ଶୃଙ୍ଖଳା ଜ୍ଞାନ ମିଳିଥାଏ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଜିଲା ୭ମ ଭାରତ ସ୍କାଉଟ ଗାଇଡ୍ କ୍ୟାମ୍ପୋରୀ

ନୂଆଗାଁ, ୫ା୧ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଡିମିରିପଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ୭ମ ଜିଲା ଭାରତ ସ୍କାଉଟ୍ ଏବଂ ଗାଇଡ୍ କ୍ୟାମ୍ପୋରୀ ସୋମବାର ଉଦ୍‌ଘାଟିତ ହୋଇଯାଇଛି ।

ପ୍ରତିବର୍ଷ ଜିଲାର ଗୋଟିଏ ସ୍କୁଲରେ ଭାରତ ସ୍କାଉଟ୍ ଗାଇଡ୍ କ୍ୟାମ୍ପୋରୀ ଅନୁଷ୍ଠିତ ହୋଇଥାଏ। ସେହି ଅନୁସାରେ ଚଳିତ ବର୍ଷ ନୂଆଗାଁ ବ୍ଲକ ଗୁମୀ ପଞ୍ଚାୟତ ଡିମିରିପଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି କ୍ୟାମ୍ପୋରୀ ଆୟୋଜିତ କରାଯାଇଛି। ଏହି କ୍ୟାମ୍ପୋରୀରେ ଜିଲା ବିଭିନ୍ନ ସ୍କୁଲର ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଡିମିରିପଲିଠାରେ ଆୟୋଜିତ କ୍ୟାମ୍ପୋରୀରେ ୨୮ ସ୍କୁଲର ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ୩ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଶିବିରରେ ପ୍ରଥମ ଦିନରେ କୁଇଜ୍, ଚିତ୍ରାଙ୍କନ, ସ୍କିଲୋ ରାମା ଆଦି ପ୍ରତିଯୋଗିତା କରିବା ପାଇଁ ନିର୍ଦ୍ଧାରିତ ହୋଇଥିଲା। କିନ୍ତୁ କାର୍ଯ୍ୟକ୍ରମ ଆରମ୍ଭ ହେବାରେ ବିଳମ୍ବ ଯୋଗୁ ପ୍ରତିଯୋଗିତାକୁ ବାତିଲ କରାଯିବା ନେଇ କ୍ୟାମ୍ପୋରୀ ପରିଚାଳନା କମିଟ ପକ୍ଷରୁ ସୂଚନା ଦିଆଯାଇଛି। କ୍ୟାମ୍ପୋରୀର ଉଦ୍‌ଘାଟନୀ ସଭାରେ ନୟାଗଡ଼ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ ସଭାପତିତ୍ୱ କରିଥିବା ବେଳେ ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏପରି କ୍ୟାମ୍ପ ହେବାର ଆବଶ୍ୟକତା ରହିଛି । ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଶୃଙ୍ଖଳାଜ୍ଞାନ ହାସଲ କରିବା ସହ ଦକ୍ଷ ନାଗରିକ ହୋଇ ଦେଶର ଦାୟିତ୍ୱ ବହନ କରିବାରେ ସକ୍ଷମ ହୋଇପାରିବେ ବୋଲି କହିଥିଲେ। ତେଣୁ ସମସ୍ତେ ଶିକ୍ଷଣିୟ ମନୋବୃତ୍ତି ନେଇ ଶିବିରରେ ରୁହନ୍ତୁ ବୋଲି ବିଧାୟକ ବେହେରା ଛାତ୍ରୀଛାତ୍ରଙ୍କୁ କହିଥିଲେ ।

ନୟାଗଡ଼ ସମାଜ ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ବେହେରା, ଗୁମୀ ସରପଞ୍ଚ ବବ୍ରୁ ମହାରଣା, ସମିତି ସଭ୍ୟ ସଞ୍ଜୀବ କୁମାର ଡାକୁଆ, ଡିମିରିପଲି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୂରଲୀଧର କହଁର , ଜିଲା ଶାରିରୀକ ଶିକ୍ଷା ଅଧିକାରୀ ଅନିଲ କୁମାର ଦାସ, ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଜିଲା ଶାରିରୀକ ଶିକ୍ଷା ଅଧିକାରୀ ତ୍ରିନାଥ କୁମାର ସାହୁ ପରିଚାଳନା କରିଥିଲେ। ଅବସରପରେ ମଧ୍ୟ ଏପରି କାର୍ଯ୍ୟକ୍ରମରେ ସହଯୋଗ କରୁଥିବା ସାହୁଙ୍କ କାର୍ଯ୍ୟକୁ ଅତିଥିମାନେ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ଅନେକ ତ୍ରୁଟି ଦେଖିବାକୁ ମିଳିଥିଲା। ନିମନ୍ତ୍ରଣ ପତ୍ରରେ ବହୁ ଅତିଥିଙ୍କ ନାମ ଲେଖାରେ ତ୍ରୁଟି ରହିଥିଲା। ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନିମନ୍ତ୍ରିତ ସମସ୍ତ ଅତିଥି ଆସି ନ ଥିଲେ। କ୍ୟାମ୍ପୋରୀରର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଅତିଥି ଓ ଛାତ୍ରୀଛାତ୍ରମାନଙ୍କୁ ଆକୃଷ୍ଟ କରିଥିଲା।

